୩୦ ଅଗଷ୍ଟ ୨୦୨୬ ରବିବାର











**ଓଡ଼ିଶା ସଙ୍ଗୀତ ଇଣ୍ଡଷ୍ଟ୍ରୀରେ ଭିସ୍ମପିତାମହଙ୍କ ତାଲିକା ଖୁବ ଲମ୍ବା । ଏଠାରେ ଏଭଳି ଅନେକ ସଙ୍ଗୀତକାରଙ୍କର ଜନ୍ମ ହୋଇଛି, ଯେଉଁମାନେ ଓଡ଼ିଶାର ସଙ୍ଗୀତକୁ କାଳଜୟୀ କରିଛନ୍ତି । ସେହିଭଳି କିଛି ଶ୍ରେଷ୍ଠ ସଙ୍ଗୀତକାରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

ଓଡ଼ିଆ ସଙ୍ଗୀତ ଇଣ୍ଡଷ୍ଟ୍ରୀ ସର୍ବଦା ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ । ଗୋଟିଏ ଓଡିଆ ଯେଉଁଠି ବି ଥିଲେ ଓଡିଆ ଗୀତ ଗୁଣଗୁଣେଇବାକୁ କେବେ ବି ଭୁଲି ନଥାଏ । ସେହିଭଳି ଏହି ଇଣ୍ଡଷ୍ଟ୍ରୀକୁ ସମୃଦ୍ଧ କରିବାରେ ହାତ ରହିଛି ଏକାଧୀକ କିମ୍ବଦନ୍ତୀ ସଙ୍ଗୀତକାରଙ୍କର । ଯେଉଁମାନଙ୍କର ରଚନା, ମନମୁଗ୍ଧକର କଣ୍ଠ ସ୍ୱର, ଲୟ ଓ ତାଳ ଆଦି ଓଡିଶା ସଙ୍ଗୀତକୁ କରିଛି ଆହୁରି ସୁମଧୁର । ସେମାନଙ୍କର କଣ୍ଠର ଲାଳିତ୍ୟ ଶ୍ରୋତାଙ୍କ ହୃଦୟରେ ଘର କରି ରହିଛି । ସେମାନଙ୍କର ଅବର୍ତମାନ କାହିଁ କେଉଁ ଦିନରୁ ହୋଇଥିଲେ ବି ଆଜି ବି ସେମାନେ ନିଜନିଜର ସଙ୍ଗୀତ ମାଧ୍ୟମରେ ଜୀବନ୍ତ ହୋଇ ରହିଛନ୍ତି । ଏହି କିମ୍ବଦନ୍ତୀ ସଙ୍ଗୀତକାରଙ୍କ ଅବଦାନ ପାଇଁ ଓଡିଆ ଗୀତ ଆଜି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ।

## ପ୍ରଣବ କିଶୋର ପଟ୍ଟନାୟକ

ପ୍ରଣବ କିଶୋର ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଜଣେ ଅନ୍ୟତମ ଶ୍ରେଷ୍ଠ ଗାୟକ, ଯିଏକି ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ସଙ୍ଗୀତ ଜଗତରେ ଆଧିପତ୍ୟ ବିସ୍ତାର କରିରହିଥିଲେ। ଅଗଷ୍ଟ ୨୧, ୨୦୨୬ରେ ୮୮ ବର୍ଷରେ ତାଙ୍କର ଦେହାନ୍ତ ହୋଇଛି, ତାଙ୍କ କଣ୍ଠ ଆଜି ନିରବି ଯାଇଛି ସତ ହେଲେ ସେ ଶ୍ରୋତାଙ୍କ ହୃଦୟରେ ସବୁବେଳେ ତାଙ୍କ ସଙ୍ଗୀତ ମାଧ୍ୟମରେ ଜୀବନ୍ତ ରହିବେ । ୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରଣବ ପଟ୍ଟନାୟକ ତାଙ୍କ ପିତା ଦ୍ୱାରା ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ, ଯିଏକି ସ୍ୱର୍ଗତ ଲାଲ ମୋହନ ପଟ୍ଟନାୟକ (ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି) ଥିଲେ । ସେ ଓଡ଼ିଶୀ, ଲୋକଗୀତ, ଭକ୍ତିଗୀତ ଓ ଭଜନ, ସେମି କ୍ଲାସିକାଲ୍, ପାରମ୍ପରିକ, ହିନ୍ଦୀ ଗୀତ ଏବଂ ଗଜଲ ଭଳି ସଙ୍ଗୀତର ବିଭିନ୍ନ ବିଭାଗରେ ନିଜର କଣ୍ଠଦାନ କରିଛନ୍ତି। ଗୁରୁ କୁନାଲ ଆଦିନାରାୟଣଙ୍କ ତାଲିମ ଅଧୀନରେ ସେ ଆନୁଷ୍ଠାନିକ ଭାବେ ସଙ୍ଗୀତ ଜଗତରେ ପାଦ ଥାପିଥିଲେ । ୧୯୫୮ ମସିହାରେ "ମା" ଫିଲ୍ମ ମାଧ୍ୟମରେ ସେ ପ୍ରଥମ ଥର ପାଇଁ ପ୍ରଚ୍ଛଦପଟ ଗାୟକ (ପ୍ଲେବ୍ୟାକ୍ ସିଙ୍ଗର) ଭାବରେ ନିଜର ସଙ୍ଗୀତ କ୍ୟାରିୟର ଆରମ୍ଭ କରିଥିଲେ । ତାଙ୍କୁ ହେମଲତା, ବାଣୀ ଜୟରାମ, ଏସ. ଜାନକୀ, ପି. ସୁଶୀଳା, ନିର୍ମଳା ମିଶ୍ର, ଭୂପିନ୍ଦର ସିଂହ, ଉଷା ମଙ୍ଗେସକର ଏବଂ ହୈମନ୍ତୀ ଶୁକ୍ଲାଙ୍କ ଭଳି ପ୍ରସିଦ୍ଧ ଗାୟକ-ଗାୟିକାଙ୍କ ସହ ଗାଇବାର ସୁଯୋଗ ମିଳିଥିଲା । ସେ ଏକମାତ୍ର ଓଡ଼ିଆ ପ୍ରଚ୍ଛଦପଟ ଗାୟକ, ଯିଏକି ଓଡ଼ିଶା ସରକାରଙ୍କ ଦ୍ୱାରା ଏକାଧିକ ଥର "ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ପୁରସ୍କାର"ରେ ସମ୍ମାନିତ ହୋଇଛନ୍ତି । ସଙ୍ଗୀତ ଦୁନିଆର ଶ୍ରେଷ୍ଠ ପୁରସ୍କାର ଜୟଦେବ ପୁରସ୍କାରରେ ମଧ୍ୟ ସେ ସମ୍ମାନୀତ ହୋଇଛନ୍ତି । ତାଙ୍କ ଗୀତଗୁଡ଼ିକର କଣ୍ଠଶୈଳୀ ଅତ୍ୟନ୍ତ ବ୍ୟାପକ ଏବଂ ତାଙ୍କର ଗାଇବାର ନିଆରା ଶୈଳୀ ଅତୁଳନୀୟ । ତାଙ୍କ ଗୀତ ଶ୍ରୋତାମାନଙ୍କୁ ସୃଷ୍ଟିର ସର୍ବୋଚ୍ଚ ସତ୍ତାକୁ ଉପଲବ୍ଧି କରାଏ । ସେ ଓଡ଼ିଶା ଏବଂ ଓଡ଼ିଶା ବାହାରର ପ୍ରାୟ ସମସ୍ତ ସଙ୍ଗୀତ ନିର୍ଦ୍ଦେଶକଙ୍କ ଅଧୀନରେ ୨୦୦ରୁ ଅଧିକ ଓଡ଼ିଆ ଫିଲ୍ମରେ ନିଜର ସ୍ୱର ଦେଇଛନ୍ତି। ଓଡିଆ ସଙ୍ଗୀତ ଦୁନିଆର ଅନେକ କଳାକାରଙ୍କର










ସେ ଥିଲେ ମାର୍ଗଦର୍ଶକ ଓ ପ୍ରେରଣା । ଅନେକ ତାଙ୍କୁ ଦେଖି ତାଙ୍କଠାରୁ ଶିଖି ଏହି ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ । ତାଙ୍କ ପଥ ଅନୁସରଣ କରି ଅନେକଙ୍କୁ ସେମାନଙ୍କ କ୍ୟାରିୟରରେ ସଫଳତା ମିଳିଛି । ସେ ଆଜି ନାହାନ୍ତି ସତ ହେଲେ ତାଙ୍କ ଗୀତ ଓଡିଆ ସଙ୍ଗୀତ ତଥା ଓଡିଆ ଶିଳ୍ପୀ ଓ ଦର୍ଶକଙ୍କ ପାଇଁ ସବୁବେଳେ ଅଭୁଲା ହୋଇ ରହିବ ।

## ଅକ୍ଷୟ ମହାନ୍ତି

ଖୋକା ଭାଇ ନାମରେ ବେଶ ଜଣାଶୁଣା ଥିଲେ ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି । ୧୨ ଅକ୍ଟୋବର ୧୯୩୬ରେ କଟକଠାରେ ଜନ୍ମିତ ସମସ୍ତଙ୍କ ପ୍ରିୟ ଖୋଖା ଭାଇ  ଏକାଧାରାରେ ଥିଲେ ଜଣେ  ଗାୟକ, ସଙ୍ଗୀତଜ୍ଞ, ଗାଳ୍ପିକ, ଔପନ୍ୟାସିକ ଓ ଭ୍ରମଣ କାହାଣୀ ଲେଖକ ଥିଲେ । ସେ ଓଡ଼ିଆ କଥାଚିତ୍ର, ପଲ୍ଲୀଗୀତ, ଭଜନମାନଙ୍କରେ କଣ୍ଠଦାନ କରିଛନ୍ତି, ତାଙ୍କୁ ଓଡ଼ିଆ ଆଧୁନିକ ଓ ସୁଗମ ସଙ୍ଗୀତର ଜନ୍ମଦାତା ବୋଲି କୁହାଯାଇଥାଏ । ଓଡ଼ିଶାର ଅନେକ ଲୋକକଥା ଓ ଗୀତକୁ ନେଇ ସେ ସଙ୍ଗୀତ ସଂଯୋଜନା କରିଛନ୍ତି, ଯାହା ଆଜି ବି ଶ୍ରୋତାଙ୍କ ହୃଦୟରେ ଜୀବନ୍ତ ରହିଛି । ଅକ୍ଷୟ ପୂର୍ବର କେନ୍ଦ୍ରାପଡ଼ା ଓ ଏବର କଟକ ଜିଲ୍ଲାର ବାଙ୍କିମୁଣ୍ଡେଇ ଗାଁରେ ବାପା ବିଚିତ୍ରାନନ୍ଦ ମହାନ୍ତି ଓ ମାଆ ସୁବର୍ଣ୍ଣ ମଞ୍ଜରି ଦେବୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ମାତ୍ର ୨୨ ବର୍ଷ ବୟସରେ କଟକ ଆକାଶବାଣୀଠାରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ, ହେଲେ ସାତ ବର୍ଷ ପରେ ଚାକିରି ଛାଡ଼ି ପୁରା ସମୟ ସଙ୍ଗୀତପାଇଁ ହିଁ ଦେଇଥିଲେ । କେବଳ ସଙ୍ଗୀତ ନୁହେଁ ତିନୋଟି କଥାଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି ଓ ଯାଯାବର କଥାଚିତ୍ରରେ ସହନିର୍ଦ୍ଦେଶନା ଦେଇଛନ୍ତି । ଏହାସହ ଲେଖକ ଭାବେ ସେ ୧୮ରୁ ଅଧିକ ବହି ଲେଖିଛନ୍ତି । ୧୯୪୮ ମସିହାରେ ଅକ୍ଷୟ ଆକାଶବାଣୀର ପ୍ରତିଷ୍ଠା ଦିବସରେ ଜଣେ ଶିଶୁଶିଳ୍ପୀ ଭାବରେ ଅଂଶଗ୍ରହଣ କରିଥିଲେ । ଏହା ତାଙ୍କର ସଂଗୀତ କ୍ଷେତ୍ରରେ ପ୍ରଥମ ପ୍ରବେଶ । ୧୯୫୫ ମସିହାରୁ ସେ ଜଣେ ସ୍ୱୀକୃତିପ୍ରାପ୍ତ ବେତାର ଶିଳ୍ପୀ । ୧୯୫୭ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ଯୁବଉତ୍ସବ ତାଙ୍କ ପରିଚାଳିତ ସମବେତ ସଙ୍ଗୀତ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଅକ୍ଷୟଙ୍କର ପ୍ରଥମ ଚଳଚ୍ଚିତ୍ର ଗୀତ ଥିଲା ପଚାଶ ଦଶକରେ ମୁକ୍ତିଲାଭ କରିଥିବା ଗାଇଆଳ ଭାଇ ଧରିଛି ଶୁଣ । ୧୯୫୯ର ମା କଥାଚିତ୍ରର ଗୋରି ଗୋରି ଗୋରି ଥିଲା ତାଙ୍କର ପ୍ରଥମ ପ୍ରଚ୍ଛଦ ଗୀତ । ସେ ମୋଟ ୧୨୯ ଗୋଟି କଥାଚିତ୍ରରେ କଣ୍ଠଦାନ କରିଛନ୍ତି । ୧୯୬୫ରେ ନିର୍ଦ୍ଦେଶକ ନିତାଇ ପାଲିତଙ୍କ ମଲାଜହ୍ନ କଥାଚିତ୍ର ପାଇଁ ସେ ସଙ୍ଗୀତ ତିଆରି କରିଥିଲେ । "ରକତ ଟଳମଳ" ଗୀତଟି ସେହି କଥାଚିତ୍ରର ଏକ ଜଣାଶୁଣା ଗୀତ । ସେ ୭୫ଟି ଓଡ଼ିଆ କଥାଚିତ୍ରରେ ସେ ତିଆରି କରିଛନ୍ତି ସଙ୍ଗୀତ ଓ ୯୨ଟି କଥାଚିତ୍ରରେ ଗୀତିକାର ସାଜିଛନ୍ତି । ଫକୀର ମୋହନ ସେନାପତିଙ୍କ "ପେଟେଣ୍ଟ ମେଡିସିନ"କୁ ନେଇ ସେ ତିଆରି କରିଥିବା ନାଟକ ଆକାଶବାଣୀର ଶ୍ରେଷ୍ଠ ନାଟକ ପୁରସ୍କାର ଜିଣିଥିଲା । ସାଲବେଗଙ୍କ ରଚନା 'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ' ଭିତରେ ସେ ଓଡ଼ିଆ ଭଜନରେ ନୂଆ ଧାରା ଆରମ୍ଭ କରିଥିଲେ । 'ସାତ ଦରିଆପାରେ'ର ଦେଶ ପାଇଁ କଥା, "ହେ ଫଗୁଣ ତୁମେ'ର ଉଦାସୀ ମନ ଆଉ 'ରାଜାଝିଅ ସାଙ୍ଗେ"ର ହାଲକା ଫୁଲକା ଭାବ; ଦୁଃଖଭରା 'ରକତ ଟଳମଳ' ଆଉ ଭାବୁକ 'ଚକୋରି ଝରାନା ଲୁହ' - ଏଇ ସବୁ ଗୀତ ଭିତରେ ଅକ୍ଷୟ ନିଜ ପାଇଁ ଗୋଟିଏ ନିଆରା ପରିଚୟ ତିଆରିକରି ଯାଇଛନ୍ତି ଓଡ଼ିଆ ପ୍ରାଣରେ । ୨୦୦୨ ମସିହାରେ ଏହି ମହାନ ସଙ୍ଗୀତଜ୍ଞଙ୍କର ପରଲୋକ ଘଟିଥିଲା ।







## ପ୍ରଫୁଲ୍ଲ କର

୧୬ ଫେବୃଆରୀ ୧୯୩୯ରେ ପୁରୀରେ ଜନ୍ମିତ ପ୍ରଫୁଲ୍ଲ କରହେଲେ ଓଡିଶାର କିମ୍ବଦନ୍ତୀ ସଙ୍ଗୀତକାର । ଜଣେ ଗାୟକ, ଗୀତିକାର, ଗାଳ୍ପିକ ଓ ସ୍ତମ୍ଭକାର ଭାବେଥିଲା ତାଙ୍କର ଅନନ୍ୟ କ୍ଷାତି । ସେ ୧୯୬୦ ମସିହାରେ ତାଙ୍କ ସଙ୍ଗୀତ ଜୀବନ ଆରମ୍ଭ କରିଥିଲେ । ୭୦ରୁ ଅଧିକ ଓଡ଼ିଆ କଥାଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହିତ ୮ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ ପ୍ରଫୁଲ୍ଲ କର । ତାଙ୍କ ପିତାଙ୍କ ନାମ ପିତା ବୈଦ୍ୟନାଥ କର ଓ ମାତାଙ୍କ ନାମ ସୁଶିଳା କର ଥିଲା । ତାଙ୍କ ପରିବାରରେ ସଂଗୀତମୟ ପରିବେଶ ଥିଲା । ତାଙ୍କ ପିତାଙ୍କର ବଡ଼ ଭାଇ କ୍ଷେତ୍ରମୋହନ କର ଜଣେ ତବଲାବାଦକ ଥିଲେ, ଯାହା ତାଙ୍କୁ ପିଲାଦିନରୁ ହିଁ ପ୍ରେରିତ କରିଥିଲା । ପ୍ରଫୁଲ୍ଲ କର, ପୁରୀର ଗଦାଧର ହାଇସ୍କୁଲ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିଲେ । ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ କଳା ଓ ଆଇନରେ ସ୍ନାତକ ଉପାଧି ଲାଭ କରିଥିଲେ । ପରବର୍ତ୍ତୀ ସମୟରେ ସେ ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟ, ମହାରାଷ୍ଟ୍ରରୁ ଗୁରୁ ମାର୍କଣ୍ଡେୟ ମହାପାତ୍ର, ପଣ୍ଡିତ କେ. ଆଦିନାରାୟଣ, ପଣ୍ଡିତ ଜେ.ଭି.ଏସ.ରାଓ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ସଂଗୀତ ବିଶାରଦ ଉପାଧି ହାସଲ କରିଥିଲେ । ପ୍ରଫୁଲ୍ଲ କର ନିଜର ପେଷାଦାର ସଙ୍ଗୀତ ଜୀବନ ୧୯୬୦ ମସିହାରେ ଆରମ୍ଭ କରିଥିଲେ ଏବଂ ଖୁବ ଶିଘ୍ର ନିଜକୁ ଆକାଶବାଣୀର (ଗ୍ରେଡ଼-ଏ) ଓ ଟେଲିଭିଜନର ଜଣେ ପ୍ରତିଷ୍ଠିତ ସଙ୍ଗୀତକାର, ଗାୟକ ଓ ଗୀତିକାର ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ପ୍ରଫୁଲ୍ଲ କର ପ୍ରାୟ ୭୦ରୁ ଅଧିକ ଓଡ଼ିଆ ସିନେମା ଓ ୪ଟି ବଙ୍ଗଳା ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ତଥା ପାରମ୍ପରିକ ଓଡ଼ିଶୀ ଲୋକଗୀତର ବହୁଳ ବ୍ୟବହାର ଦେଖିବାକୁ ମିଳେ । ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ସେ ୮ ଥର ରାଜ୍ୟ ଚଳଚ୍ଚିତ୍ର ଓ ପଦ୍ମଶ୍ରୀ ପୁରସ୍କାର ଲାଭ କରିଥିଲେ । ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ, ଅନୁରାଧା ପୌଡ଼ୱାଲ, ଉଷା ମଙ୍ଗେସକର, କବିତା କୃଷ୍ଣମୂର୍ତ୍ତୀ, ସୁରେଶ ୱାଡ଼େକର, ମହମ୍ମଦ ଅଜିଜ, ଅମିତ କୁମାର, ବାଣୀ ଜୟରାମ, ଏସ. ଜାନକୀ, ଆର. ସୁଶୀଳା, ଚିତ୍ରା, ସ୍ୱର୍ଣ୍ଣଲତା, ୟେଶୁ ଦାସ, ଏସ. ପି. ବାଲସୁବ୍ରମଣ୍ୟମ, ମନୁ, ଆରତୀ ମୁଖର୍ଜୀ, ନିର୍ମଳା ମିଶ୍ର, ସିପ୍ରା ବୋଷ, ଅଜୟ ଚକ୍ରବର୍ତି, ହୈମୟନ୍ତି ଶୁକ୍ଳା ପ୍ରଭୃତି ବହୁ ଜାତୀୟ ସ୍ତରର ଗାୟକମାନେ ଓଡ଼ିଆ ସିନେମା କଣ୍ଠଦାନ କରିଥିଲେ । ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବହୁ ଗାୟକ/ଗାୟିକାମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ବହୁ ସମ୍ମାନ ଲାଭ କରିଛନ୍ତି । ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ । ବିଭିନ୍ନ ଓଡ଼ିଶୀ ନୃତ୍ୟ ଗୁରୁମାନଙ୍କ ସହ ମିଶି, ସେ ବହୁ ଓଡ଼ିଶୀ ନୃତ୍ୟନାଟିକାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଏହି କିମ୍ବଦନ୍ତୀ ସଙ୍ଗୀତକାରଙ୍କର ୧୭ ଅପ୍ରେଲ ୨୦୨୨ରେ ଦେହାନ୍ତ ହୋଇଥିଲା ।



## ଭଜନ ସମ୍ରାଟ ଭିକାରୀ ଚରଣ ବଳ

ତାଙ୍କ ନାଁରେ ହିଁ ରହିଛି ତାଙ୍କ ଉପାଧୀ, ସେ ଥିଲେ ଓଡିଆ ଭଜନର ସମ୍ରାଟ । ଭଜନ ସମ୍ରାଟ ଭିକାରୀ ଚରଣ ବଳ ଓଡ଼ିଶାର କେନ୍ଦ୍ରାପଡ଼ା, ସୋବଳାରେ ଜନ୍ମିତ । ସେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ, ଯଥା ଚଉପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ଇତ୍ୟାଦି ସଙ୍ଗେ ସଙ୍ଗେ ପଲ୍ଲୀଗୀତ ଆଦି ଅନେକ ଗୀତରେ ଥିଲେ ପାରଦର୍ଶୀ । ପିତା ରାମଚନ୍ଦ୍ର ବଳ ଓ ମାତା ଗେହ୍ଲାରାଣି ବଳଙ୍କ ସନ୍ତାନ ଭିକାରୀ ବଳ ୧୯୨୯ ମସିହା ମଇ ୨୫ ତାରିଖରେ ଓଡ଼ିଶାର କେନ୍ଦ୍ରାପଡ଼ାସ୍ଥିତ ସୋବଳାରେ ଜନ୍ମ ନେଇଥିଲେ । ହେଲେ ପିଲାଦିନୁ ବାପା ମାଆଙ୍କ ମୃତ୍ୟୁ ତାଙ୍କୁ ଦେଇଥିଲା ଅନେକ କଷ୍ଟ । ପ୍ରାଥମିକ ଶିକ୍ଷା ପରେ ଭିକାରୀ କେନ୍ଦ୍ରାପଡ଼ା ଜିଲା କଦଳୀବଣ ହାଇସ୍କୁଲରେ ନାମ ଲେଖାଇଥିଲେ ଓ ସେଠାରେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ଏହା ପରେ ନିଜ ଗାଁ ସବଳାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ । ସେଠାରେ ସେ ଗୀତ , ହାରମୋନିଅମ ବଜାଇବା, ଅଭିନୟ ଆଦି ଶିଖିଥିଲେ । ଏହାପରେ ସେ ଏକ ପାଖ ସ୍କୁଲ, ଗୋକୁଳାନନ୍ଦ










ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷକ ହୋଇଥିଲେ। ଗୁରୁ ଖିତିଜ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ । ଆକାଶବାଣୀରେ ସେ ଜଣେ ଏ-ଶ୍ରେଣୀର ଗାୟକ ଭାବରେ ୧୯୬୩ରେ କାମ ଆରମ୍ଭ କଲେ। ପ୍ରାଣ ମିତଣି ବାରେ ଚାହାଁରେ ଗୀତ ପାଇଁ ସେ ସେଠାରେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। ହେଲେ ତାହାଙ୍କ ଜନପ୍ରିୟତା କୋଠ ଭୋଗଖିଆ ଗୀତରୁ ଅନେକ ବଢ଼ିଯାଇଥିଲା । ଏହି ଗୀତ ୭୦ ଦଶକରେ ଏକ ବହୁଳ ଲୋକପ୍ରିୟ ଗୀତର ମାନ୍ୟତା ପାଇଥିଲା । ପୁରାତନ ରଚନାରୁ ସେ ବହୁ ସଙ୍ଗୀତ ଗାନ କରିଛନ୍ତି। ଗୋପାଳକୃଷ୍ଣ, ଦୀନକୃଷ୍ଣ, ବଳଦେବ, ବନମାଳି ଓ ସାଲବେଗ ଆଦି ପୁରାତନ କବିଙ୍କ ବହୁ ଭଜନରେ ସେ କଣ୍ଠଦାନ କରିଛନ୍ତି । ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ । ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ କଣ୍ଠଦାନ କରିଥିଲେ । ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ "ଭଜନ ସମ୍ରାଟ" ଉପାଧିରେ ଭୂଷିତ କରିଥିଲେ ଓ ଜଗନ୍ନାଥ ମନ୍ଦିରରେ ସେବା ପାଇଁ ଅନୁମତି ଓ ଅନେକ ସୁବିଧା ସୁଯୋଗ ଖଞ୍ଜି ଦେଇଥିଲେ । ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସୁଯୋଗ ପାଇଥିଲେ । ନଭେମ୍ବର ୨, ୨୦୧୦ରେ ଚିରଦିନ ପାଇଁ ନିରବି ଯାଇଥିଲା ସେହି ମହାନ କଣ୍ଠସ୍ୱର। ଓଡ଼ିଶା ହରାଇଥିଲା ତାର ଭଜନ ସମ୍ରାଟଙ୍କୁ ।

## ସିକନ୍ଦର ଆଲାମ

ଓଡ଼ିଆ କଥାଚିତ୍ର ଜଗତର ଜଣେ ପ୍ରଚ୍ଛଦପଟ ଗାୟକ ଭାବେ ପରିଚିତ ଥିଲେ ସିକନ୍ଦର ଆଲାମ। ସେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଯଥା ଜଗନ୍ନାଥ ଜଣାଣ, ଭଜନ, ଛାନ୍ଦ, ଚମ୍ପୂ, ଚଉପଦୀ ନିମନ୍ତେ ଓଡ଼ିଶାର ଘରେ ଘରେ ପରିଚିତ ।ତାଙ୍କୁ ଆଧୁନିକ ଓଡ଼ିଶାର ସାଲବେଗ ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ । ସିକନ୍ଦର ୧୯୩୯ ମସିହା ଜୁଲାଇ ମାସ ୨୭ ତାରିଖରେ, କଟକ ଜିଲ୍ଲା ବୟାଳିଶି ମୌଜା ବ୍ଲକର ରାଉତରାପୁରଠାରେ ଜନ୍ମଗ୍ରହଣ କରିଥିଲେ। ନିଜ ପିତା ଓ ବଡ଼ ଭାଇଙ୍କଠାରୁ ପ୍ରେରଣା ପାଇ ସଂଗୀତ ଶିକ୍ଷା କରିବା ପାଇଁ ସେ ପ୍ରସିଦ୍ଧ ଗନ୍ଧର୍ବ ମହାବିଦ୍ୟାଳୟରେ ଯୋଗଦାନ କରିଥିଲେ। ଏହି ଅନୁଷ୍ଠାନରୁ ହିଁ ସେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲୁଶକର ଏବଂ ଉସ୍ତାଦ କୁନ୍ଦଲ ଆଦୀନାରାୟଣ ରାଓଙ୍କ ଅଧିନରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ କୃତିତ୍ୱର ସହ ସଂଗୀତ ବିଶାରଦ ହାସଲ କରିଥିଲେ । ସିକନ୍ଦର ୧୯୫୭ ମସିହାରେ ମାତ୍ର ୧୮ ବର୍ଷ ବୟସରୁ ଆକାଶବାଣୀ କଟକରେ ଗୀତ ଗାଇବା ଆରମ୍ଭ କରିଥିଲେ। ଭଜନ, ଜଣାଣ, ଗଜଲ, ଆଧୁନିକ ଇତ୍ୟାଦି ସଂଗୀତର ସବୁ ଦିଗରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ଖୁବ କମ ସମୟରେ ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୬୨ମସିହାରେ ନିର୍ମିତ ଚଳଚ୍ଚିତ୍ର ଲକ୍ଷ୍ମୀରେ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିସେ ପ୍ରଥମ ଥର ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ। ଏହି ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଥିବା ଗୀତଟି , 'ଆରତ ସୁରେ ବାରେ', ବହୁ ଲୋକପ୍ରିୟତା ଅର୍ଜନ କରିଥିଲା । ପରବର୍ତ୍ତୀ ସମୟରେ ସେ ବହୁ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିଲେ । ସେଥି ମଧ୍ୟରୁ ଅମଡ଼ା ବାଟ, ଅଦିନ ମେଘ,ମାଣିକ ଯୋଡ଼ି, ମମତା, ସୂର୍ଯ୍ୟମୁଖୀ, ପୂଜା ପ୍ରଭୃତି ଅନ୍ୟତମ । ଏତଦ ବ୍ୟତିତ, ସେ ବହୁ ଆଲବମ ପାଇଁ ମଧ୍ୟ କଣ୍ଠଦାନ କରିଥିଲେ । ୮ ଅଗଷ୍ଟ ୨୦୧୦ରେ ଅନେକଙ୍କର ପ୍ରେରଣା ଥିବା ଏହି ମହାନ କଣ୍ଠଶିଳ୍ପୀଙ୍କର ଦେହାନ୍ତ ହୋଇଥିଲା ।

## ରଘୁନାଥ ପାଣିଗ୍ରାହୀ

ଆଧୁନିକ ଯୁଗର ଜଣେ ଓଡ଼ିଶୀ କଣ୍ଠଶିଳ୍ପୀ ଭାବେ ଥିଲା ରଘୁନାଥ ପାଣିଗ୍ରାହୀଙ୍କର ସ୍ୱତନ୍ତ୍ରତା । ସେ ରାୟଗଡ଼ା ଜିଲ୍ଲାର ଗୁଣପୁର ସହରରେ ୧୯୩୪ ମସିହା ଅଗଷ୍ଟ ୧୦ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପିତା ପଣ୍ଡିତ ନୀଳମଣି ପାଣିଗ୍ରାହୀଙ୍କଠାରୁ ସେ ୫ବର୍ଷ ବୟସରେ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ । ୧୯୪୧ରୁ ୧୯୪୮ ମସିହା ପର୍ଯ୍ୟନ୍ତ ପଣ୍ଡିତ ବିଶ୍ୱନାଥ ଦାସ ଏବଂ ପଣ୍ଡିତ ନରସିଂହ ନନ୍ଦଙ୍କଠାରୁ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରିଥିଲେ । ପରେ ସଂଗୀତଜ୍ଞ ମଦୁ ପାପ୍ପା ରାଓଙ୍କଠାରୁ କର୍ଣ୍ଣାଟକୀ ସଂଗୀତ ଶିକ୍ଷା ଲାଭ କରିଥିଲେ। ଶେଷରେ ମାଡ୍ରାସରେ ପଣ୍ଡିତ ଡି. ଭି. ପାଲୁସକରଙ୍କଠାରୁ ହିନ୍ଦୁସ୍ତାନୀ କଣ୍ଠସଂଗୀତ ଶିକ୍ଷା କରି ଓଡ଼ିଶା ଫେରିଥିଲେ । ୧୯୪୮ ମସିହାରେ ରଘୁନାଥ ପାଣିଗ୍ରାହୀ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିୟମିତ କଳାକାର ଭାବେ ଯୋଗ ଦେଇଥିଲେ। ଅନେକ କଥାଚିତ୍ରରେ, ଭଜନ, ଜଣାଣ ଏବଂ ଓଡ଼ିଶୀ ଛାନ୍ଦ, ଚମ୍ପୁ ଓ ଗଜଲ ଗାନ କରିଛନ୍ତି । ସେ ଦକ୍ଷିଣଭାରତୀୟ ଚଳଚ୍ଚିତ୍ରରେ କଣ୍ଠଦାନ ସହିତ ସଂଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ବିଶେଷ କରି ଓଡ଼ିଶୀ ସଂଗୀତ ସହିତ ଜଗନ୍ନାଥ ସଂସ୍କୃତି ଓ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଭୂମିକା ଅନନ୍ୟ । ଶାସ୍ତ୍ରୀୟ ଶୈଳୀରେ ଗୀତଗୋବିନ୍ଦ ସେ ତାଙ୍କ ପିତାଙ୍କଠାରୁ ଶିଖିଥିଲେ ଯାହାକୁ ଗାନ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ ଏକାଧାରରେ ଓଡ଼ିଶୀ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ପଦ୍ଧତିରେ ସଙ୍ଗୀତ ଗାନ କରି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ସେ ଥିଲେ ୧୨ଟି ଭାଷାରେ ପ୍ରବୀଣ ସଙ୍ଗୀତଜ୍ଞ। ୧୯୬୩ ମସିହାରେ ସେ ପ୍ରଥମ କରି ଓଡ଼ିଆ କଥାଚିତ୍ରରେ ତାଙ୍କର କଣ୍ଠଦାନ କରିଥିଲେ। ୧୯୭୭ମସିହାରେ 'ମୁକ୍ତି' ଚଳଚ୍ଚିତ୍ର ପାଇଁ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବରେ ଶ୍ରେଷ୍ଠ ରାଜ୍ୟ ପୁରସ୍କାର । ସେହିପରି 'ଅହଲ୍ୟା' ଚଳଚ୍ଚିତ୍ର ପାଇଁ ୧୯୯୮ରେ ଶ୍ରେଷ୍ଠ ସଙ୍ଗୀତ ସଂଯୋଜନା ପାଇଁ ରାଜ୍ୟ ପୁରସ୍କାର ପାଇଥିଲେ । ୧୯୬୮ ମସିହାରେ ମୁମ୍ବାଇର ସୁର୍ ସିଙ୍ଗାର ସଂସଦ (କାଲ୍‌କୋ କଳାକାର) ତରଫରୁ ତାଙ୍କୁ ସୁରମଣି ଉପାଧିରେ ଭୂଷିତ କରାଯାଇଥିଲା । ସେହିଦିନଠାରୁ ସେ ସୁରମଣି ନାମରେ ନାମିତ । ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ତାଙ୍କ ସହଧର୍ମିଣୀ ଥିଲେ। ଏସିଆ ଓ ୟୁରୋପ ମହାଦେଶର ବିଭିନ୍ନ ଦେଶ ଗ୍ରସ୍ତ କରି







ଏହି ଦମ୍ପତି ଓଡ଼ିଶୀ ନୃତ୍ୟ ସଙ୍ଗୀତ ପରିବେଷଣ ପୂର୍ବକ ଓଡ଼ିଶା ସଂସ୍କୃତିର ମହାନତା ପ୍ରଦର୍ଶନ କରିଥିଲେ। ଆଜି ଓଡ଼ିଶୀ ନୃତ୍ୟର ଯେଉଁ ଅର୍ଦ୍ଧନାରୀଶ୍ୱର ବିଭବ ପୃଥିବୀବ୍ୟାପୀ ନୃତ୍ୟାଙ୍ଗନାଙ୍କଦ୍ୱାରା ପରିବେଷିତ ହେଉଛି,ରଘୁନାଥ ଥିଲେ ଏହାର ସଙ୍ଗୀତର ସ୍ରଷ୍ଟା। ଏହାଛଡା ଅଭିନୟ, ବର୍ଷା ଭଳି ଅନେକ ଓଡ଼ିଶୀ ନୃତ୍ୟର ସଙ୍ଗୀତ ପ୍ରସ୍ତୁତ କରିଯାଇଛନ୍ତି ସେ। ୧୯୯୭ ମସିହାରେ ସଂଯୁକ୍ତାଙ୍କ ବିୟୋଗ ପରେ ଓଡ଼ିଶୀ ପ୍ରଚାର ଓ ପ୍ରସାର ନିମନ୍ତେ ରଘୁନାଥ ଏକ ଟ୍ରଷ୍ଟ ଗଢ଼ିଥିଲେ ଯାହାର ନାମ ଥିଲା 'ସଂଯୁକ୍ତା ପାଣିଗ୍ରାହୀ ମେମୋରିଆଲ ଟ୍ରଷ୍ଟ' । ୨୦୧୩ ମସିହା ଅଗଷ୍ଟ ୨୫ ତାରିଖ ଦିନ ତାଙ୍କର ଦେହାନ୍ତ ହେବା ପରେ ସଙ୍ଗୀତ ଜଗତରେ ସୃଷ୍ଟି ହୋଇଥିଲା ଏକ ଅପୂରଣୀୟ କ୍ଷତି।

## ଶାନ୍ତିଲତା ବାରିକ

ଓଡିଶାର ବେଶ ପ୍ରସିଦ୍ଧ କଣ୍ଠଶିଳ୍ପୀ ଥିଲେ ଶାନ୍ତି ଲତା ବାରିକ । ଜଣେ ଭଜନ ଗାୟିକା ଭାବରେ ସେ ବେଶୀ ପରିଚିତ ଥିଲେ। ସେ ଆକାଶବାଣୀ କଟକର ଜଣେ ସ୍ୱୀକୃତିପ୍ରାପ୍ତ ଗାୟିକା ଥିଲେ। ତାଙ୍କର ଜଣାଶୁଣା ଗୀତ ମଧ୍ୟରେ "ଥକାମନ ଚାଲ ଯିବା", "ଭଜି ଭଜି ତୋ ନାମ", "ହେ ଚକାନୟନ" ଏବଂ "ବାଲିରେଣୁ ମହାବନ୍ଧ" ଆଦି ଅନ୍ୟତମ । ସଂଗୀତକୁ ତାଙ୍କର ଅବଦାନ ପାଇଁ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନୀତ ହୋଇଥିଲେ । ଶାନ୍ତିଲତା ବାରିକ ୧୯୫୮ ମସିହାରେ ପୁରୀ ଜିଲ୍ଲା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ କମଳା ଦେବୀ ଓ ପିତାଙ୍କ ନାମ ବାସୁଦେବ ବାରିକ। ଶାନ୍ତିଲତା ବାରିକ ବାଳକୃଷ୍ଣ ଦାଶ, ମାର୍କଣ୍ଡେୟ ମହାପାତ୍ର, ସିଂହାରୀ ଶ୍ୟାମସୁନ୍ଦର କର ପ୍ରମୁଖ ସଙ୍ଗୀତ ଗୁରୁମାନଙ୍କଠାରୁ ସଙ୍ଗୀତ ଶିକ୍ଷା ନେବା ସହିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ସ୍ନାତକ (ଆଚାର୍ଯ୍ୟ) କରିଥିଲେ। ୧୯୮୭ ମସିହାରେ, ସେ ଗାଇଥିବା ଜଗନ୍ନାଥ ଭଜନ ହେ ଚକାନୟନଦ୍ୱାରା ତାଙ୍କୁ ଲୋକପ୍ରିୟତା ମିଳିଥିଲା। "ଥକାମନ ଚାଲ ଯିବା", "ଭଜି ଭଜି ତୋ ନାମ", "ଜଗନ୍ନାଥ ତୁମେ ବଡ଼ ଛଳିଆ" ଆଦି ଲୋକପ୍ରିୟ ଓଡ଼ିଆ ଭଜନ ଗାୟିକା ଭାବରେ ସେ ଜଣାଶୁଣା। ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନ କରାଯାଇଥିଲା । ୨୦୨୪ ଅପ୍ରେଲ ୧ରେ ତାଙ୍କ କର୍କଟ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା।

## ସୁନନ୍ଦା ପଟ୍ଟନାୟକ

ଓଡ଼ିଶାରେ ଜନ୍ମିତ ଗୋଆଲିୟର ଘରାନାର କଣ୍ଠଶିଳ୍ପୀ ହେଲେ ସୁନନ୍ଦା ପଟ୍ଟନାୟକ । ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ନିପୁଣା ସୁନନ୍ଦା "ଗୁରୁମା" ହିସାବରେ ସୁପରିଚିତ ଥିଲେ । ସୁନନ୍ଦା ୧୯୩୪ ମସିହା ଦିପାବଳୀ ଦିନ ଜନ୍ମଗ୍ରହଣ କରିଥିଲେ । ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର ୧୦ଟି ସନ୍ତାନ ମଧ୍ୟରୁ, ସେ ଥିଲେଜଣେ । ସେତେବେଳର ଓଡ଼ିଆ ଘରର ଝିଅମାନଙ୍କଠୁ ଭିନ୍ନ ସ୍ୱଭାବର ସୁନନ୍ଦା ଖେଳ, ପହଁରା, ମାଛଧରିବା ଇତ୍ୟାଦିରେ ପାରଙ୍ଗମ ଥିଲେ । ପିଲାଦିନେ ତାଙ୍କ ଗୀତ ଗାଇବା ପ୍ରବୃତ୍ତିକୁ ପସନ୍ଦ କରାଯାଉନଥିଲା । ପିଲାଦିନୁ ସେ କେବଳ ଗୀତ ଶୁଣି ଶୁଣି ଗାଉଥିଲେ । ଶିଖିବାର ସୁଯୋଗ ନଥିଲା। ୧୯୪୮ ମସିହାରେ, ଯେତେବେଳେ ଆକାଶବାଣୀ କଟକ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା, ସେତେବେଳେ ମାତ୍ର ୧୪ ବର୍ଷ ବୟସରେ ସେ ଅଡ଼ିସନ ଦେଇ କୃତକାର୍ଯ୍ୟ ହୋଇଥିଲେ। ଆକାଶବାଣୀରେ ସଙ୍ଗୀତ ପରିବେଷଣ କରିବା ପାଇଁ ପିତା ବୈକୁଣ୍ଠନାଥ ତାଙ୍କୁ ତୁଳସୀ ଦାସ, ସୁରଦାସ ଓ ମୀରା ବାଈ ଆଦିଙ୍କର ପୁସ୍ତକ କିଣି ଆଣି ଦେଇଥିଲେ । ସେ ସବୁକୁ ସୁନନ୍ଦା ନିଜେ ସୁରଦେଇ ଆକାଶବାଣୀରେ ପରିବେଷଣ କରୁଥିଲେ । ପାରିଶ୍ରମିକ ମିଳୁଥିଲା ୧୭ ଟଙ୍କା । ନିଜ ପିତାଙ୍କର ରଚନା 'ଜୀବନ ପାତ୍ର ମୋ ଭରିଛ କେତେ ମତେ'କୁ ସେ ନିଜେ ସୁରଦେଇ ଗାଇଛନ୍ତି । ଗୀତଟି ଓଡ଼ିଶା ତଥା ବାହାରେ ଖୁବ ଲୋକପ୍ରିୟ । ସେତେବେଳର ରାଜ୍ୟପାଳ ଅସଫ୍ ଅଲ୍ଲୀ ଆକାଶବାଣୀରେ ସୁନନ୍ଦାଙ୍କ ସଙ୍ଗୀତ ଶୁଣି ତାଙ୍କୁ ରାଜ ଭବନରେ ସଙ୍ଗୀତ ପରିବେଷଣ କରିବାକୁ ନିମନ୍ତ୍ରଣ କରିଥିଲେ ଓ କ୍ରମେ ସୁନନ୍ଦା, ରାଜ ଭବନରେ ନିୟମିତ ଭାବରେ ସଙ୍ଗୀତ ପରିବେଷଣ କରିବାକୁ ଲାଗିଲେ । ଏକଦା ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପୁରୀ ଆସିଥିଲେ । ତାଙ୍କ ମନୋରଞ୍ଜନ ପାଇଁ, ରାଜ୍ୟପାଳ ଅସଫ୍ ଅଲ୍ଲୀ, ସୁନନ୍ଦାଙ୍କୁ ଡକେଇ ପଠେଇଲେ । ସେତେବେଳକୁ ସୁନନ୍ଦା ଦଶମ ଶ୍ରେଣୀର ଛାତ୍ରୀ । ସୁନନ୍ଦାଙ୍କ ସଙ୍ଗୀତ ପରିବେଷଣରେ ମୁଗ୍ଧ ହୋଇଥିଲେ ରାଜେନ୍ଦ୍ର ପ୍ରସାଦ । ସେ ସୁନନ୍ଦାଙ୍କୁ ପଚାରିଲେ, "କାହାଠୁ ଗୀତ ଶିଖୁଛ !" ସୁନନ୍ଦା କହିଲେ "ଶିଖୁନାହିଁ, କିନ୍ତୁ ଶିଖିବାକୁ ଚାହେଁ ।" ରାଜେନ୍ଦ୍ର ପ୍ରସାଦ ପଚାରିଲେ, "କେଉଁ ନିର୍ଦ୍ଦିଷ୍ଟ ଗୁରୁଙ୍କଠାରୁ ଶିଖିବାକୁ ଚାହୁଁଛ !" ଆଗରୁ ସୁନନ୍ଦା ଗୁରୁ ପଣ୍ଡୀତ ବିନାୟକ ରାଓ ପଟ୍ଟବର୍ଧନଙ୍କ ଗୀତ ଶୁଣି ମୁଗ୍ଧ ହୋଇଥିଲେ । ତାଙ୍କରି ନାମ ନେଲେ । ପଣ୍ଡୀତ ବିନାୟକ ରାଓ ପଟ୍ଟବର୍ଧନ ଥିଲେ ରାଜେନ୍ଦ୍ର ପ୍ରସାଦଙ୍କ ବନ୍ଧୁ । ତାଙ୍କରି ଅଧୀନରେ ସୁନନ୍ଦାଙ୍କର ସଙ୍ଗୀତ ଶିକ୍ଷାର ବ୍ୟବସ୍ଥା କରାଇଦେଇଥିଲେ ରାଜେନ୍ଦ୍ର ପ୍ରସାଦ । ମାଟ୍ରିକ ପାସ କରିବା ପରେ, ରାଷ୍ଟ୍ରପତିଙ୍କଠାରୁ ମାସକୁ ୫୦ଟଙ୍କା ଓ ରାଜ୍ୟପାଳଙ୍କଠାରୁ ୨୫ଟଙ୍କା ବୃତ୍ତିରେ ଆରମ୍ଭ ହେଲା ସୁନନ୍ଦାଙ୍କର ପୁଣେରେ ସଙ୍ଗୀତ ଶିକ୍ଷା । ଗୋଟିଏ ଅନାଥଳୟରେ ରହି, ସେ ସଙ୍ଗୀତଶିକ୍ଷା କରୁଥିଲେ । ୧୯୫୬ ମସିହାରେ ପୁଣେ ସ୍କୁଲ ତରଫରୁ ତାଙ୍କୁ 'ମାଷ୍ଟର୍ସ ଅଫ୍ ମ୍ୟୁଜିକ' ଉପାଧୀ ପ୍ରଦାନ କରାଯାଇଥିଲା । ୧୯୪୮ ମସିହାରେ ୧୪ ବର୍ଷ ବୟସରୁ ସେ ସଙ୍ଗୀତ ପରିବେଷଣ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ୧୯୫୭ ମସିହାରେ କଲିକତାଠାରେ ସେ 'ଅଖିଳ ଭାରତୀୟ ସଦରଙ୍ଗ ସଙ୍ଗୀତ ସମ୍ମୀଳନୀ'ରେ ସଙ୍ଗୀତ ପରିବେଷଣ କରିବାର ସୁଯୋଗ ପାଇଥିଲେ । ୧୯୮୩ ମସିହାଠାରୁ ସୁନନ୍ଦା କଲିକତାରେ ରହି ସଙ୍ଗୀତ ପରିବେଷଣ ସହ ଶିକ୍ଷାଦାନ ମଧ୍ୟ କରିଥିଲ । ପୁରୀରେ ମଧ୍ୟ ଏକ ଗୁରୁକୁଳ ପ୍ରତିଷ୍ଠା କରି, ସେ ସଙ୍ଗୀତ ଶିକ୍ଷାଦାନ କରିଥିଲେ। "ନୀଳମାଧବ", "ସୂବର୍ଣ୍ଣମୂଖୀ" ଭଳି ସେ ନ'ଟି ନୂତନ ରାଗ ମଧ୍ୟ ସୃଷ୍ଟି କରିଛନ୍ତି । ଏହି ମହାନ ଶିଳ୍ପିଙ୍କର ୧୯ ଜାନୁଆରୀ ୨୦୨୦ରେ ପରଲୋକ ଘଟିଥିଲା ।

## ଅରବିନ୍ଦ ମୁଦୁଲି

ଜଣେ ଓଡ଼ିଆ ସଙ୍ଗୀତଜ୍ଞ, ଗୀତିକାର, ଗାୟକ ଓ ସ୍ୱର ସଂଯୋଜକଭାବେ ବେଶ ଜଣାଶୁଣା ଅରବିନ୍ଦ ମୁଦୁଲି । ସେ ଭଜନ ସମ୍ରାଟ ଭିକାରି ବଳଙ୍କର ପ୍ରିୟ ଶିଷ୍ୟ ଥିଲେ । ଅରବିନ୍ଦ ୧୯୬୧ ମସିହା ସେପ୍ଟେମ୍ବର ୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । କ୍ୟାରିୟରରେ ସେ ପାଖାପାଖି ୫,୦୦୦ରୁ ଅଧିକ ଭଜନ ଗାଇଛନ୍ତି। ଭାରତର ୩୦୦ରୁ ଅଧିକ ସହରରେ ୫,୦୦୦ରୁ ଅଧିକ ସିଧା ଗୀତ ପରିବେଷଣ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଛନ୍ତି । ସେ ୩୦୦ରୁ ଅଧିକ ଭଜନ ଆଲବମରେ କଣ୍ଠଦାନ କରିଛନ୍ତି । ତାଙ୍କର ସଙ୍ଗୀତ ପରିବେଷଣର ନିଆରା ଶୈଳୀ ସମସ୍ତଙ୍କୁ ଖୁବ ପସନ୍ଦ ଆସିଥାଏ । ଖୋର୍ଦ୍ଧା ନିବାସୀ ଅରବିନ୍ଦ ୧୮ ବର୍ଷ ବୟସରେ ଭୁବନେଶ୍ୱରରୁ କଟକ ଯାଏଁ ଟ୍ରକରେ ବସି ଭିକାରି ବଳଙ୍କ ନିକଟରୁ ଭଜନ ଶୁଣିବା ପାଇଁ ଯାଉଥିଲେ। କଟକର ବାଖରାବାଦରେ ଥିବା ତାଙ୍କ ଜଣେ ଚିହ୍ନା ମାମୁଁ ବିପ୍ରଚରଣ ପଟ୍ଟନାୟକ ତାଙ୍କୁ ଭିକାରି ବଳଙ୍କ ସହ ସାକ୍ଷାତ କରିବାର ସୁଯୋଗ ଦେଇଥିଲେ । ତାଙ୍କର ନନ୍ଦସୂତ କଳାକହ୍ନାଇ, କାଳିଆ ଅମୃତବାଣୀ, ଅନ୍ଧ କହୁଛି ଆରେ ଛୋଟା ଭାଇ, ରହିଯାଉ ରହିଯାରେ ଜଗାକାଳିଆ,ଚାଳରେ ମୋ ବସୁ ପଛେ ଶାଗୁଣା ପକ୍ଷୀ ଆଦି ଗୀତ ବେଶ ପରିଚିତ । ଏହି ସଙ୍ଗୀତଜ୍ଞଙ୍କର ୧ ମାର୍ଚ୍ଚ ୨୦୧୮ରେ ଦେହାନ୍ତ ହୋଇଥିଲା, ଯାହାଙ୍କର ମୃତ୍ୟୁରେ ଓଡିଶା ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।






ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୭୧୯୪

# ହାତୀ ଆଉ ରସି

ମାହୁନ୍ତ ହାତୀ ଗୋଡ଼ରେ ରସି ବାନ୍ଧିଦେଲା। ହାତୀ ଚୁପଚାପ ଗୋଟେ ଜାଗାରେ ସ୍ଥିର ହୋଇ ଠିଆ ହୋଇ ରହିଲା। ରସିର ଭାରି ଗର୍ବ ହେଲା; ଭାବିଲା ମୁଁ ଏତେ ଶକ୍ତିଶାଳୀ ଯେ ହାତୀ ଭଳି ଜନ୍ତୁକୁ ବି ଗୋଟେ ଜାଗାରେ ବନ୍ଦୀ କରି ରଖି ଦେଇ ପାରିବି। ସେ ହାତୀକୁ ଟାହି ଟାପରା କରିବାକୁ ଲାଗିଲା। ହାତୀ ତା କଥା ଶୁଣେ, ହେଲେ କିଛି କହେନି। ଦିନେ କଉ କାରଣରୁ ହାତୀର ମୁଡ୍ ଖରାପ ଥିଲା (ହାତୀ ବୋଲି କ'ଣ ବେଳାଏ ଅଧେ ତା ମୁଡ୍ ଖରାପ ହେବ ବି !), ସେ ରସି କଥାରେ ବିଗିଡ଼ି ଯାଇ ତାକୁ ଟୁକୁରା ଟୁକୁରା କରି ଫିଙ୍ଗିଦେଲା। ଏ କାହାଣୀର ନୀତିଶିକ୍ଷାଟି ହେଲା: ଜଣେ ତମ କଥାର ଉତ୍ତର ଦେଉନି, ଚୁପ ରହୁଛି, ସହି ଯାଉଛି ବୋଲି ସେ ଦୁର୍ବଳ- ଏମିତି ଭାବିବାର ଭୁଲ କରିବ ନାହିଁ। ବହୁତ ମହଙ୍ଗା ପଡ଼ିବ।



# ଜନ ପରିବହନ


ଭାରତର ଅଧିକାଂଶ ସ୍ଥାନରେ ଏବେ ଅଟୋ ସାଧାରଣ ଜନ ପରିବହନର ଏକ ପ୍ରମୁଖ ସାଧନ। ଦେଶର ଅନେକ ବଡ଼ ସହରରେ ଓଲା-ଉବେର ଭଳି ଆପ-ଭିତ୍ତିକ ପରିବହନ ବ୍ୟବସ୍ଥା ହେଲାଣି। କିନ୍ତୁ କ୍ୱଚିତ ଜାଗାରେ ଯାତ୍ରୀମାନେ କଟକ-ଭୁବନେଶ୍ୱର-ଖୋର୍ଦ୍ଧା ଭଳି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଅତ୍ୟଧିକ ଭଡ଼ା ଦାବି କରିବାଠୁ, ଧାର୍ଯ୍ୟ ଭଡାଠୁ ଅଧିକ ଦାବି କରିବା, ଦୁର୍ବ୍ୟବହାର କରିବା- ଯାତ୍ରୀମାନଙ୍କର ସବୁଦିନିଆ ଅଭିଜ୍ଞତା। କେଇଦିନ ତଳେ ଅଟୋବାଲା ଆଉ ଓଲା-ଉବେର ଡ୍ରାଇଭରମାନେ ରାଜଧାନୀର ଛାତିରେ ବେଶ କିଛିସମୟ ଧରି ଆତଙ୍କରାଜ ଚଲାଇଲେ। କଠୋର ପୋଲିସ କାର୍ଯ୍ୟାନୁଷ୍ଠାନ ଏବଂ ସାଧାରଣରେ ସେମାନଙ୍କ ପ୍ରତି ସହାନୁଭୂତିର ଅଭାବ ଯୋଗୁ ଏବେ କହୁଛନ୍ତି : ଆମର ଭୁଲ ହୋଇ ଯାଇଛି। ଅସଲ କଥା ହେଲା- ଭୁବନେଶ୍ୱରର ଅଧିକାଂଶ ଅଟୋବାଲା ଗ୍ରାହକକୁ ମଣିଷ ବୋଲି ଭାବନ୍ତି ନାହିଁ। ମଣିଷମାନେ ସେମାନଙ୍କୁ କୁକୁଡ଼ା ଭଳି ଦିଶନ୍ତି - ଯାହାକୁ ମଉକା ପାଇବା ମାତ୍ରେ ମୋଡ଼ି ଖିଆଯାଏ। ବହିରାଗତ ଯାତ୍ରୀ ହେଲେ - ବ୍ରୟଲର କୁକୁଡ଼ା। ଅଟୋବାଲାଙ୍କର ଏମିତି ଜୁଲମ ସାରା ଭାରତରେ କ୍ୱଚିତ ଜାଗାରେ ଦେଖାଯାଏ। ସେଇଥିପାଇଁ ପୋଲିସ ଲାଠି ଖାଇଲା ପରେ ବି- ତାଙ୍କ ପ୍ରତି ଜନସମର୍ଥନ ତ ଛାଡ଼ନ୍ତୁ - ସହାନୁଭୂତି ଟିକେ ନାହିଁ। ଜନପରିବହନ ହେଲା ସର୍ଭିସ ଇଣ୍ଡଷ୍ଟ୍ରି। ସୌଜନ୍ୟ, ଭଦ୍ର ବ୍ୟବହାର ଏବଂ ସତ୍ୟତା ସେଠି ନିହାତି ଦରକାର - ଯାହା ଅଧିକାଂଶ ଅଟୋବାଲାଙ୍କର ନାହିଁ। ଭୋଗୁଛନ୍ତି ସାଧାରଣ ଲୋକ। ନଷ୍ଟ ହେଉଛି ଓଡ଼ିଶାର ଭାବମୂର୍ତ୍ତି। ସରକାର ଏ କ୍ଷେତ୍ରରେ କଠୋର ଏବଂ ଫଳପ୍ରସୂ ପଦକ୍ଷେପ ନିଅନ୍ତୁ। ସାଧାରଣ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସଜାଡନ୍ତୁ।

# ମଶା ସମ୍ମିଳନୀ

ଗଲା ଅଗଷ୍ଟ ୨୦ ବିଶ୍ୱ ମଶା ଦିବସ ଅବସରରେ ସହରରେ ମଶାମାନଙ୍କର ଏକ ବିଶାଳ ସମ୍ମିଳନୀର ଆୟୋଜନ ହେଲା। ବିଷୟ- "ମଣିଷ ଆମକୁ ପସନ୍ଦ କରେ ନାହିଁ କାହିଁକି ?" ଜଣେ ବୟସ୍କ ମଶା କହିଲେ, "ଆମେ ମଣିଷଠୁ ଅଳ୍ପ ରକ୍ତ ନେଉ। ତାହା ପୁଣି କେବଳ ଆମ ବଂଶ ରକ୍ଷା ପାଇଁ। ମଣିଷ ତ ମଣିଷ ରକ୍ତ ପିଏ। ମଶା ସମାଜରେ ପୁରୁଷ ମଶାମାନେ ମଣିଷ ରକ୍ତ ପିଅନ୍ତି ନାହିଁ। କେବଳ ସ୍ତ୍ରୀ ମଶାମାନେ ମଣିଷ ରକ୍ତ ପିଅନ୍ତି। ମଣିଷ ସମାଜରେ ପୁରୁଷ ମହିଳା ନିର୍ବିଶେଷରେ ସମସ୍ତେ ରକ୍ତ ପିଅନ୍ତି। ଧର୍ମ ନାଁରେ, ଶାସନ ନାଁରେ, ଲୋଭରେ, ଛଳରେ ପିଅନ୍ତି। ଜଣେ ଯୁବ ମଶା କହିଲା, "ସେମାନେ ଆମକୁ 'ରକ୍ତପିପାସୁ' କହନ୍ତି। ନିଜ ଚେହେରା ସେମାନଙ୍କୁ ଦିଶେନି ! ସଭାରେ ଉପସ୍ଥିତ ମଶାମାନେ ଡେଣା ବାଡ଼େଇ ଡେଣା-ତାଳି ଦେଲେ। ଡେଣା-ତାଳି ଶବ୍ଦରେ ସଭା ସ୍ଥଳୀ ମୁଖରିତ ହୋଇ ଉଠିଲା। ଶେଷରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା, ଏବେଠୁ ମଣିଷ ଶବ୍ଦର ଅର୍ଥ ହେଲା: 'ରକ୍ତପିପାସୁ'।

# ଲିଭିଗଲା ସଙ୍ଗୀତ ଜ୍ୟୋତି

ଓଡ଼ିଆ ସଙ୍ଗୀତ ଜଗତର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ପ୍ରଣବ ପଟ୍ଟନାୟକ ଅଗଷ୍ଟ ୨୧ରେ ଚାଲିଗଲେ। ଅକ୍ଷୟ ମହାନ୍ତି (୧୯୩୪-୨୦୦୨) ଏବଂ ପ୍ରଫୁଲ୍ଲ କର (୧୯୩୯-୨୦୨୨)ଙ୍କ ପରେ ସେ ଥିଲେ ଗୋଟିଏ ଯୁଗ (ଅନେକଙ୍କ ମତରେ ଓଡ଼ିଆ ସଙ୍ଗୀତ ଜଗତର ସ୍ୱର୍ଣ୍ଣିମ ସମୟ)ର ଶେଷ ତାରକା। କଟକରେ ଏକ ଉଚ୍ଚ ଶିକ୍ଷିତ ଏବଂ ସମ୍ଭ୍ରାନ୍ତ ପରିବାରରେ ୧୯୩୮ରେ ତାଙ୍କର ଜନ୍ମ। ପିଲାବେଳୁ ସଂଗୀତ ପ୍ରତି ଆଗ୍ରହ ଥିଲା। ଖୁବ କମ ବୟସରୁ ସେ ଆକାଶବାଣୀ ସହିତ ଜଡିତ ହେଲେ। ୧୯୫୮ ମସିହାରେ 'ମା' ଚଳଚ୍ଚିତ୍ର ଜରିଆରେ ସେ ପ୍ରଥମଥର ପାଇଁ ପ୍ଲେ-ବ୍ୟାକ୍ (ପୃଷ୍ଠପଟ) ଗାୟକ ଭାବେ ଯାତ୍ରା ଆରମ୍ଭ କରିଥିଲେ। ପାଞ୍ଚ ଦଶକ ଧରି ପ୍ରଣବ ପଟ୍ଟନାୟକ ଦୁଇ ଶହରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ଗାଇଥିଲେ। ଏ ହା ବ୍ୟ ତୀ ତ ଓଡ଼ିଶୀ, ଲୋକଗୀତ, ଭଜନ, ଗଜଲ ଏବଂ ଶାସ୍ତ୍ରୀୟ ସଙ୍ଗୀତ-ସଙ୍ଗୀତର ଅନେକ ବିଧାରେ ତାଙ୍କର ସାବଲୀଳ ବିଚରଣ ଥିଲା। ସାତ ଥର ରାଜ୍ୟ ଶ୍ରେଷ୍ଠ ଗାୟକ ପୁରସ୍କାର ପାଇଛନ୍ତି। ଜୟଦେବ ପୁରସ୍କାର ପାଇଛନ୍ତି। କିନ୍ତୁ ଅକ୍ଷୟ ମହାନ୍ତିଙ୍କ ଭଳି ସେ ମଧ ପଦ୍ମ ସମ୍ମାନ ପାଇନାହାନ୍ତି। ପ୍ରଣବ ପଟ୍ଟନାୟକ ନିଜର ବ୍ୟକ୍ତିଗତ ଜୀବନକୁ ପ୍ରଚାରଠାରୁ ଦୂରରେ ରଖିବାକୁ ପସନ୍ଦ କରୁଥିଲେ। ସୁର ଓ ସ୍ୱର ଦୁନିଆରେ ରହିବାକୁ ପସନ୍ଦ କରୁଥିଲେ ସେ। ଓଡ଼ିଆ ସଂଗୀତପ୍ରେମୀମାନଙ୍କ ମନରେ 'ଅକ୍ଷୟ -ପ୍ରଫୁଲ୍ଲ -ପ୍ରଣବ' ଚିରଦିନ ରହିବେ।



# ପଣସ ଗଛରୁ ମା' ପଣସେଇ

ପୁରୀର ବଦ୍ରି ମିଶ୍ର ଜଣେ ପ୍ରକୃତିପ୍ରେମୀ ସମାଜସେବୀ। ବହୁ ବର୍ଷ ଧରି ବିଭିନ୍ନ ଜାଗାରେ ସେ ଗଛ ଲଗାଉଛନ୍ତି। ସମ୍ପ୍ରତି ସେ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଗୋଟେ ଘଟଣା କଥା ଲେଖିଛନ୍ତି। ବର୍ତ୍ତମାନ ସମୟ, ସମାଜ, ମାନସିକତା ଆଉ ଲୋକଚରିତ୍ର - ସବୁ ସେଥିରେ ଫୁଟିଉଠିଛି। ପଢନ୍ତୁ: ଅନେକ ବର୍ଷ ତଳେ ଭୁଷଣ୍ଡପୁର ଜଙ୍ଗଲ ମଧ୍ୟରେ ୧୦/୧୨ଟି ପଣସ ଗଛ ଲଗାଇଥିଲୁ। ସେତେବେଳେ ପ୍ରାୟ ଜଙ୍ଗଲ-ତାରାଦେଇଙ୍କ ଥାନରେ ବି ଲଗେଇଥିଲୁ। କ୍ରମଶଃ ଏଠି ଲୋକସମାଗମ ବଢ଼ିଲା। ଗଢିଉଠିଲା ଦୋକାନ -ବଜାର। ମାଆଙ୍କ ପାଖରେ ମାନସିକ ପାଇଁ ବିକ୍ରି ହେଲା ଫଳମୂଳ, ଫୁଲ, ତେଲ, ନଡ଼ିଆ ଇତ୍ୟାଦି ସହ ମାନସିକ ଡୋର। ଏମିତି ଦିନେ ଜଣେ ଦୋକାନୀ ବିକ୍ରିବଟା ବଢେଇବା ପାଇଁ, ପଣସ ଗଛକୁ କରିଦେଲେ ମାଆ। ଗୋଟେ ଗଛ ତଳେ ବିଞ୍ଚିଦେଲେ ବେଲପତ୍ର ଓ ନାଲି ମନ୍ଦାର। ଗଛରେ ଲଗେଇ ଦିଆଗଲା ନାଲି ସିନ୍ଦୂର। ଜଣେ ଦୋକାନୀ, ଭୁବନେଶ୍ୱର ରୁ ଜଣେ ସିରିଏଲ୍ ଅଭିନେତ୍ରୀକୁ ଗଛତଳେ ଠିଆ କରାଇ ବାନ୍ଧିଲେ ଡୋର। ପରେ ପରେ ଅନେକ ଲୋକ ସେଠି ମାନସିକ ଡୋର ବାନ୍ଧିବାକୁ ଲାଗିଲେ। ଏବେ ସେଠି ଯାଇ ଦେଖିଲାବେଳକୁ ଆମେ ଲଗେଇଥିବା ପଣସଗଛ ଲୋକକଥାରେ ପାଲଟିଯାଇଛି। ଏଠି ମାନସିକ ଡୋର ବାନ୍ଧିଲେ କୁଆଡ଼େ ପିଲାଏ ପରୀକ୍ଷାରେ ଆଶାତୀତ ନମ୍ବର ରଖୁଛନ୍ତି, ଭାଙ୍ଗିଲା ପରିବାର ଯୋଡ଼ି ହେଉଛି, ଯୁବକଙ୍କୁ ଇପ୍ସିତ ଯୁବତୀ ମିଳୁଛି, ଏପରିକି ଅନେକ ଲୋକଙ୍କ ଦୂରାରୋଗ୍ୟ ରୋଗ ବି ଭଲ ହୋଇ ଯାଉଛି। ଲୋକଙ୍କ ଆଶା ଓ ବିଶ୍ୱାସରେ ପଣସଗଛ ବି 'ମାଆ ପଣସେଇ' ପାଲଟିଯାଏ।



# ସ୍ମାର୍ଟ ପ୍ରତିଯୋଗୀ

ରିଆଲିଟି ଶୋ' 'ଦି ଟ୍ରେଟର୍ସ ସିଜନ୍ ୨'ର ପ୍ରତିଯୋଗୀ ତଥା ଅଭିନେତ୍ରୀ କ୍ରିଷ୍ଟାଲ ଡିସୁଜାଙ୍କ ଚତୁର ଗେମ୍‌ପ୍ଲାନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ନିକଟରେ ଶୋ'ର ସଞ୍ଚାଳକ କରଣ ଜୋହର କ୍ରିଷ୍ଟାଲଙ୍କୁ ପ୍ରଶଂସା କରି ତାଙ୍କୁ ସ୍ମାର୍ଟ ବୋଲି ମତ ଦେଇଛନ୍ତି । ସନ୍ଦେହର ଘେରରୁ ନିଜକୁ ଦୂରେଇ ରଖିବା ପାଇଁ ସେ ଗ୍ରୁପ୍ ଆଲିଆନ୍ସ ଏବଂ ଅନ୍ୟ ଖେଳାଳିଙ୍କ ପ୍ରତିକ୍ରିୟା ଉପରେ କଡ଼ା ନଜର ରଖୁଛନ୍ତି । ଅନ୍ୟ ଖେଳାଳିଙ୍କ ଅପେକ୍ଷା ସେ ଖୁବ ଭଲଭାବେ ନିଜ ଖେଳକୁ ଖେଳିବା ସହିତ ଆଗକୁ ବଢୁଛନ୍ତି ବୋଲି କରଣ ମତ ଦେଇଛନ୍ତି । ସେହିଭଳି ତାଙ୍କର କ୍ରେଜ ଓ ଟ୍ରେଣ୍ଡ ଦର୍ଶକଙ୍କ ଭିତରେ ମଧ୍ୟ ଅଧିକ ଥିବା କରଣ ପ୍ରକାଶ କରିଛନ୍ତି ।



# ପୁଣିଥରେ ବ୍ରେକ ଅପ

ଅନନ୍ୟା ପାଣ୍ଡେ ଏବେ ନିଜର ରିଅଲ ଲାଇଫକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ପ୍ରେମିକ ୱାକର ବ୍ଲାଙ୍କୋଙ୍କ ସହିତ ଦୁଇ ବର୍ଷର ସମ୍ପର୍କ ପରେ ବ୍ରେକଅପ ହୋଇଥିବା ଖବର ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ଉଭୟ ମ୍ୟୁଚିଆଲି ଏହି ବ୍ରେକଅପ କରିଛନ୍ତି । ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ଉତ୍ସବରେ ପ୍ରଥମ ଥର ଭେଟ ହେବା ପରେ ଦୁହିଁଙ୍କ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ତେବେ ବ୍ରେକଅପ ନିଷ୍ପତ୍ତି ଅନନ୍ୟାଙ୍କର ଥିଲା, କିନ୍ତୁ ଦୁହିଁଙ୍କ ମଧ୍ୟରେ କୌଣସି ମନୋମାଳିନ୍ୟ ନାହିଁବୋଲି ଜଣା ପଡିଛି । ପୂର୍ବରୁ ଆଦିତ୍ୟ ରୟ କପୁରଙ୍କ ସହ ଅନନ୍ୟାଙ୍କ ନାଁ ଯୋଡା ହୋଇଥିଲା । ହେଲେ ଏହି ସମ୍ପର୍କରେ ମାତ୍ର ୨ ବର୍ଷରେ ପୂର୍ଣ୍ଣଛେଦ ପଡିଥିଲା।





# ଭାରତ ଛାଡ଼ିଲେ ଅପୂର୍ବା

'ରେବେଲ୍ କିଡ୍' ନାମରେ ଜଣାଶୁଣା ଭାଇରାଲ କଣ୍ଟେଣ୍ଟ କ୍ରିଏଟର୍ ଅପୂର୍ବ ମୁଖିଜା ଭାରତ ଛାଡ଼ି ନ୍ୟୁୟର୍କ ସିଫ୍ଟ ହୋଇଯାଇଥିବା ନେଇ ଖୁଲାସା କରିଛନ୍ତି । ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀ ମାଧ୍ୟମରେ ସେ ନିଜର ଏହି ବଡ଼ ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି । 'ଇଣ୍ଡିଆଜ୍ ଗଟ୍ ଲେଟେଣ୍ଟ' ବିବାଦ ପରେ ବାରମ୍ବାର 'କ୍ୟାନ୍ସଲ୍' ହେବାର ପ୍ରଭାବ ତାଙ୍କ ରୋଜଗାର ଏବଂ ବ୍ରାଣ୍ଡ ଡିଲ୍‌ସ ଉପରେ ପଡ଼ିଥିଲା । ଏହା ତାଙ୍କ ଜୀବନଶୈଳୀକୁ ବଦଳାଇ ଦେଇଥିବା ସେ ପ୍ରକାଶ କରିଛନ୍ତି । ନ୍ୟୁୟର୍କରେ ରହିବା ତାଙ୍କର ଏକ ପୁରୁଣା ସ୍ୱପ୍ନ ଥିଲା ଏବଂ ସେଠାକାର ଦ୍ରୁତ ଜୀବନଯାତ୍ରା, ଫ୍ୟାଶନ, ଖାଦ୍ୟ ଓ ସ୍ଥାପତ୍ୟ ତାଙ୍କୁ ସଦାବେଳେ ଆକୃଷ୍ଟ କରିଆସିଛି । ସୋସିଆଲ ମିଡିଆ କ୍ରିଏଟର ଦୁନିଆରୁ ବାହାରି ନୂଆ ଲୋକଙ୍କୁ ଭେଟିବା ଲକ୍ଷ୍ୟରେ ସେ ନ୍ୟୁୟର୍କର ଏକ କଲେଜରେ ଏମ୍‌ବିଏ ପଢ଼ିବା ପାଇଁ ନାମ ଲେଖାଇଛନ୍ତି । ଏବେ ସେ ହଷ୍ଟେଲ୍‌ରେ ରହି ଜଣେ ସାଧାରଣ ଛାତ୍ରୀଙ୍କ ଭଳି ଜୀବନ ବିତାଉଛନ୍ତି । ନିଜର ପ୍ରିୟ କ୍ୟାରିୟର ଓ ସାଙ୍ଗମାନଙ୍କୁ ପଛରେ ଛାଡ଼ିବା କଷ୍ଟକର ଥିଲେ ମଧ୍ୟ ସେ ଏହି ନିଷ୍ପତ୍ତି କିଛି ଭଲ ପାଇଁ ନେଇଥିବା ପ୍ରକାଶ କରିଛନ୍ତି ।

# ଦିଶାଙ୍କ ସଂଘର୍ଷପୂର୍ଣ୍ଣ କ୍ୟାରିୟର

ଅଭିନେତ୍ରୀ ଦିଶା ପଟାନୀଙ୍କର କ୍ୟାରିୟର ଯେତିକି ସଫଳ ତା ପଛରେ ସେତିକି ସଂଘର୍ଷ ଲୁଚି କି ରହିଛି । ଉତ୍ତର ପ୍ରଦେଶର ବରେଲୀରେ ଜନ୍ମଗ୍ରହଣ କରିଥିବା ଦିଶା ମାତ୍ର ୧୮ ବର୍ଷ ବୟସରୁ ମଡେଲିଂ କରିବା ଆରମ୍ଭ କରିଥିଲେ । ୨୦୧୩ରେ 'ପଣ୍ଡସ୍ ଫେମିନା ମିସ୍ ଇଣ୍ଡିଆ ଇନ୍ଦୋର'ର ଫାଷ୍ଟ ରନର-ଅପ୍ ହେବା ପରେ ମଡେଲିଂ ମାଧ୍ୟମରେ ସେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। କ୍ୟାରିୟରର ଆରମ୍ଭରେ 'ହିରୋପନ୍ତୀ' ଫିଲ୍ମର ଅଡିସନରେ ବିଫଳ ହୋଇଥିଲେ । ଏହାପରେ ୨୦୧୫ରେ ତେଲୁଗୁ ଫିଲ୍ମ 'ଲୋଫର'ରୁ ଆକ୍ଟିଂ ଜର୍ନି ଆରମ୍ଭ କରିଥିଲେ । ତେବେ ୨୦୧୬ର ବ୍ଲକବଷ୍ଟର 'ଏମ.ଏସ. ଧୋନି: ଦି ଅନଟୋଲ୍ଡ ଷ୍ଟୋରୀ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା ଏବଂ ପରବର୍ତ୍ତୀ ସମୟରେ 'ବାଗୀ ୨', 'ଭାରତ', 'ମଲଙ୍ଗ' ଓ 'କଳ୍କି ୨୮୯୮ ଏଡି' ଭଳି ହିଟ୍ ଫିଲ୍ମ ସହ ନିକଟରେ ମୁକ୍ତିଲାଭ କରିଥିବା ମଲ୍ଟିଷ୍ଟାରର 'ୱେଲକମ୍ ଟୁ ଦ ଜଙ୍ଗଲ' ଏବଂ 'ଆୱାରାପନ୍ ୨' ତାଙ୍କୁ ବଲିଉଡ୍‌ର ଶୀର୍ଷ ଅଭିନେତ୍ରୀଙ୍କ ତାଲିକାରେ ସାମିଲ କରିପାରିଛି ।



# ଭାଇରାଲ ଗର୍ଲ ବେଦିକା

ଭାଇରାଲ୍ ମ୍ୟୁଜିକ୍ ଭିଡିଓରୁ ଫିଲ୍ମ ଦୁନିଆରେ ପାଦ ରଖିଥିବା ବେଦିକା ପିଣ୍ଟୋ ବର୍ତ୍ତମାନ ବଲିଉଡ୍‌ର ଜଣେ ଭାଇରାଲ ଚେହେରା ଭାବେ ଉଭା ହୋଇଛନ୍ତି । ମୁମ୍ବାଇର ବେଦିକା ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଛନ୍ତି । ସ୍କୁଲ ଦିନରୁ ନୃତ୍ୟ ପ୍ରତି ରୁଚି ରଖିଥିବା ବେଦିକା ୨୦୧୯ ରେ ରିତ୍‌ଭିଜ୍‌ଙ୍କ ଲୋକପ୍ରିୟ ମ୍ୟୁଜିକ୍ ଭିଡିଓ 'ଲିଗି' ରେ ଅଭିନୟ କରି ଦେଶବ୍ୟାପୀ ରାତାରାତି ଲୋକପ୍ରିୟତା ହାସଲ କରିଥିଲେ । ଏହାପରେ ୨୦୨୨ରେ ନୀରଜ ପାଣ୍ଡେଙ୍କ ଫିଲ୍ମ 'ଅପରେସନ୍ ରୋମିଓ'ରୁ ସେ ନିଜର ବଲିଉଡ ଡେବ୍ୟୁ କରିଥିଲେ । ପରବର୍ତ୍ତୀ ସମୟରେ ସେ ଆଦିତ୍ୟ ରୟ କପୁରଙ୍କ 'ଗୁମରାହ' ଏବଂ ଅନୁରାଗ କଶ୍ୟପଙ୍କ 'ନିଶାନଚୀ' ଓ 'ନିଶାନଚୀ ୨' ଭଳି ଫିଲ୍ମରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି । ନିକଟରେ ନେଟ୍‌ଫ୍ଲିକ୍ସରେ ମୁକ୍ତିଲାଭ କରିଥିବା ୱେବ୍ ସିରିଜ୍ 'ମୁସାଫିର କାଫେ'ରେ ସେ ବିକ୍ରାନ୍ତ ମେସି ଏବଂ ମହିମା ମାକୱାନାଙ୍କ ସହ ନଜର ଆସିଛନ୍ତି । ଯାହାଙ୍କୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ଦେଖିବାକୁ ମିଳୁଛି ।







# କାହିଁକି କେଜାଣି

କାହିଁକି କେଜାଣି ମାଆ ବାଢ଼େଇଲେ
ଜମାରୁ ଦେହକୁ କାଟେନି
ଯାହା ରାନ୍ଧି ଦେଲେ ପେଟକୁ ପଳାଏ
ଅରୁଚି ଟିକିଏ ଲାଗେନି ॥
ନଥିଲେ ନଥାଉ ଘିଅ, ମାଉଁସର
ଖାଇବା ଥାଳିରେ ଟିକିଏ
ବଳେଇ ବଳେଇ ଖୋଇ ଦେଉଥାଏ
ତା ପାଇଁ କିଛିବି ନଥାଏ ॥
ସିଲେଇ କରିକି ସିଏ ପିନ୍ଧୁଥିବ
ପୁରୁଣା କାନିକୁ ଲୁଚେଇ
ପୁଅ ଝିଅ ପାଇଁ ସଞ୍ଚି ରଖୁଥିବ
ଆଠଣି, ଚାରିଣି ଟଙ୍କାଇ ॥
ଜରରେ ପଡ଼ିଲେ ସିଏ କହୁଥାଏ
କିଛିବି ବାଧକ ହେଇନି
ଅଯଥା ପଇସା ଖର୍ଚ୍ଚ କରିବାକୁ
କେବେବି କାହାକୁ କହେନି ॥
ଭିତରେ ଭିତରେ ବସି କାନ୍ଦୁଥିବ
ପଣତରେ ମୁହଁ ଲୁଚେଇ
ଶବଦ ଶୁଣିଲେ ତରତର ହୋଇ
ଲୋକ ଦେଖି ଲୁହ ପୋଛଇ ॥
କାହିଁକି କେଜାଣି କେଉଁ ଉପାଦାନେ
ଦଇବ ତାହାକୁ ଗଢ଼ିଛି
ବେଶି ପାଠ ସିଏ ପଢ଼ିନାହିଁ ସିନା
ଦୁନିଆକୁ ଶିକ୍ଷା ଦେଉଛି ॥

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୧ ୯୦୩୮

# ମାଆ ପରି କେହି ନାହିଁ

ଦିଶିଲା ନଭେ କଳା ବଉଦ
ଶୁଭିଲା ଘଡ଼ଘଡ଼ି ଶବଦ,
ଘୋଟି ଆସିଲା କଳା ଅନ୍ଧାର
ବିଜୁଳି ମାରେ ଥରକୁ ଥର ॥
ଟିକିଏ ପରେ ହେଲା ବରଷା
ମାଆ ପକ୍ଷୀର ଉଡ଼ିଲା ହଂସା,
ସତେ ବରଷା କେବେ ଛାଡ଼ିବ
ଆହାର ଯାଇ ଖୋଜି ଆଣିବ ॥
ବସା ଭିତରେ ଦୁଇ ଶାବକ
କହିଲେ ମାଆ ଲାଗୁଛି ଭୋକ,
ଖାଇବା ଲାଗି ହେଲେ ଉଚ୍ଛନ୍ନ
ଚହଲି ଗଲା ମାଆର ମନ ॥
କହିଲା ଦୁହେଁ ଥାଅ ବସାରେ
ମୁଁ ଏବେ ଟିକେ ଯାଏ ବାହାରେ,
ଭୟେ ସେମାନେ ହେଲେନି ରାଜି
ମାଆ କୋଳକୁ ଗଲେ ଆଉଜି ॥
ବରଷା ଟିକେ ଗଲାରୁ ଛାଡ଼ି
ମାଆ ଚଢ଼େଇ ଗଲାଟି ଉଡ଼ି,
ଏତିକି ବେଳେ ବରଷା କାହୁଁ
ମାଡ଼ି ଆସିଲା ତହିଁକୁ ତହୁଁ ॥
ପାଣିରେ ଭିଜା ଦେହ ମାଆର
ଆଣିଛି ଅଣ୍ଟେ କିଛି ଆହାର,
ଦୁଇ ଛୁଆଙ୍କ ପାଟିରେ ଦେଇ
ଉପାସେ ନିଜେ ପଡିଲା ଶୋଇ ॥
ଶୁଣ ପିଲାଏ ଏଇ ଜଗତେ
ମାଆ ପରିକା ନାହିଁ କେ ସତେ,
ଦେଖିବା ପାଇଁ ପିଲାଙ୍କ ସୁଖ
ସହଇ ମାଆ କେତେ ଯେ ଦୁଃଖ ॥

**ରତ୍ନକାନ୍ତି ମିଶ୍ର**
ଆଳି, କେନ୍ଦ୍ରାପଡ଼ା
ମୋ: ୯୪୩୮୧୭୫୫୪୨

# ଭଉଣୀ ପାଇଁ ଫେରିବି ଗାଆଁ

ସୁନାଭଉଣୀ ମୋ ଚାହିଁ ବସିଥିବ
ଫେରିବି ସହରୁ ଗାଆଁ
ଦେଖିଦେଲେ ଖୁସୀ ହେଇ ଦେବ ହସି
ଦଉଡ଼ି ଆସିବ ଛାଆଁ ||
ରଖିଥିବ କିଣି ନେଳି ନାଲି ରଙ୍ଗ
ରାଖୀ ସେ ପାଖରେ ତାର
ପିନ୍ଧିବି ତା ରାଖୀ ଦେବେ ଚକାଆଖି
ଆଶିଷର ବାରିଧାର ||
ଭଉଣୀ ଦେବ ମୋ ମଥାରେ ଚନ୍ଦନ
ମିଠା ଟିକେ ଦେବ ଖୋଇ
ରାଖୀର ପାଉଣା ଶରଧାରେ ଦେବି
ହସି ହସି ଖୁସୀ ହୋଇ ||
ତା ଆଖିରୁ ଲୁହ ପୋଛି ତା ଓଠରେ
ଫୁଟାଇବି ହସଫୁଲ
କହୁଥିବ ସିଏ ହରଷେ ଉଛୁଳି
ଭାଇ ମୋର କେତେ ଭଲ ||
ସ୍ନେହ ସମ୍ପର୍କର ରାଖୀ ଆମ ସାକ୍ଷୀ
ଭାଇ ଭଉଣୀର ଭାବ
ଭଉଣୀର ଭାଇ ଉଚ୍ଛୁଳା ନଈରେ
ପାରିକରିବାକୁ ନାବ ||
ମୋ ଭଉଣୀ ଓଠେ ହସ ରହିଥିବ
ଆଖିଲୁହ ଯିବ ଲିଭି
ମିଠା ସମ୍ପର୍କତ ଥିବ ଚିର ଦିନ
ବିଭୁଙ୍କ ଆଶିଷ ଲଭି ||
ବୋହୂ ସାଜି ଗଲେ ଶାଶୂଘର
ମନେପଡୁଥିବ ବେଶୀ
ଯିବି ତା ଘରକୁ ପରବ ଦିନରେ
ଦେଖି ହେବ ସିଏ ଖୁସୀ ||

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର, ସଙ୍ଗଳାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

# କେଁ କେଁ କଟର

କେଁ କେଁ କେଁ କେଁ କଟର
ସଡ଼କରେ ଚାଲେ ଗାଡ଼ି ମଟର
ବାମ କଡ଼ ଦେଇ ଚାଲୁଥିବୁ ନିତି
ଦୁର୍ଘଟଣା ପ୍ରତି ନଥିବ ଡର ॥
ଭେଁ ଭେଁ ଭେଁ ବାଜେ ମହୁରୀ
ଜୀବନରେ କେବେ ନଯିବୁ ହାରି
ଅଭାବ କଷଣ ନରହିବ କିଛି
କାମ କଲେ ବୀର ସୈନିକ ପରି ॥
ଫେଁ ଫେଁ ଫେଁ କରଇ ସାପ
ଜୀବନରେ କେବେ ନକର ପାପ
କାହାରି ମନରେ କଷ୍ଟ ଦିଅ ନାହିଁ
ସ୍ନେହ ମମତାରେ ହୃଦୟ ମାପ ॥
ଖେଁ ଖେଁ ଖେଁ କରେ ମାଙ୍କଡ଼
ପାଠ ପଢ଼ି ଦିନେ ହୁଅ ତୁ ବଡ଼
ଦେଶ ପାଇଁ କେତେ ନୂଆ କାମ କରି
ନୂତନ ଢାଞ୍ଚାରେ ଦୁନିଆଁ ଗଢ଼ ॥

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନଗୁଳ

# ଧନ୍ୟ ସେ ଗୁରୁ ମହାନ

ବିଦ୍ୟା ମହାଧନ ଶିଖାଇଲେ ଯିଏ
ଛୁଆଇଁ ହାତରେ ଖଡ଼ି
ଦେଖାଇଲେ ଯିଏ ଆଲୋକର ପଥ
ଆଗକୁ ଯିବାକୁ ବଢ଼ି ॥
ମହତପଣ ଓ ଉଦାର ଭାବନା
ହୃଦୟେ ଜଗାଇ ସେଇ
ସତ୍ୟ ଶାନ୍ତି ବ୍ରତ ପାଳିବ ନିରତ
କାନେ କାନେ ଗଲେ କହି ॥
ଶିକ୍ଷା ସଂସ୍କାରର ବୀଜ ବୁଣି ଦେଇ
ବଢ଼ାଇଲେ ବୁଦ୍ଧି ଜ୍ଞାନ
ଶିଖାଇଲେ ମଧୁ ବିନୟ ବଚନେ
ଛୁଇଁବାକୁ ଜନ ମନ ॥
କେତେ ଗୁଣୀ ଜ୍ଞାନୀ ଲେଖକ ବିଜ୍ଞାନୀ
ଗଢ଼ିଲେ ଆପଣା ହାତେ
କେତେ ବୀର କେତେ ସୁଯୋଗ୍ୟ ସନ୍ତାନ
ତିଆରିଲେ ଦେଶ ହିତେ ॥
ସୁନା ମଣିଷଟେ ହେବା ପାଇଁ ଯିଏ
ଦେଖାଇଲେ ରାହା ନିତି
ଅଶେଷ ପ୍ରଣତି ତାଙ୍କରି ଚରଣେ
ଗୁରୁ ସେ ମହାନ ଅତି ॥
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ମହେଶ୍ୱର
ଗୁରୁ ହିଁ ସବୁରି ପ୍ରାଣ
ଆଜିଯାଏଁ କିଏ ପାରିଅଛି ଶୁଝି
ତାଙ୍କରି ଆଶିଷ ଋଣ ॥

**ଭୁବନାନନ୍ଦ ପାଣିଗ୍ରାହୀ**
ଗେଡ଼ିଆ ପଲ୍ଲୀ, ଖୋର୍ଦ୍ଧା
ମୋ: ୯ ୯୩୭ ୭୨୪୩୧୨





ବର୍ତ୍ତମାନର ସାମାଜିକ ସ୍ଥିତିରେ ଅଳ୍ପବର୍ଷିଆଙ୍କ ମାନସିକ ସ୍ୱାସ୍ଥ୍ୟ ସଙ୍କଟ ଉଗ୍ର ହେବାରେ ଲାଗିଛି। ଦୁର୍ବଳ ମନ ଓ ଅବସାଦର ଚାପ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାର ପ୍ରବଣତାକୁ ବଢ଼ାଉଛି। ଏପରି ସମୟରେ ଜନସଚେତନତା ଓ ଉପଯୁକ୍ତ କାଉନ୍ସିଲିଂ ନିତାନ୍ତ ଜରୁରୀ ହୋଇପଡ଼ିଛି...

# ଟିନ୍ଏଜ୍ ସୁଇସାଇଡ୍

ମାନସିକ ଚାପ ବା ଅବସାଦ ଆତ୍ମହତ୍ୟାର ଅନ୍ୟତମ ପ୍ରମୁଖ କାରଣ। ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାର ବହୁ ପୂର୍ବରୁ ତାଙ୍କଠାରେ ମାନସିକ ଅବସଦାର ଲକ୍ଷଣ ଦେଖା ଦେଇଥାଏ। ସେହି ସମୟରେ ଅନ୍ୟ ଲୋକ ଉକ୍ତ ମଣିଷକୁ ସେଥିରୁ ବାହାର କରି ଆଣି ପାରିବେ। ଡାକ୍ତରଙ୍କ ପରାମର୍ଶ ହେଉ କିମ୍ବା ଦୁଇପଦ ଭଲ କଥା ହେବା ଦ୍ୱାରା ମାନସିକ ଅବସାଦରୁ ମଣିଷ ବଞ୍ଚି ଯାଇପାରିବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ୨୧ ସେପ୍ଟେମ୍ବରରେ ସଂଘଠିତ ମହାରାଷ୍ଟ୍ରର ଛାତ୍ରପତି ସମ୍ଭାଜିନଗର ଅଞ୍ଚଳର ୧୯ ବର୍ଷୀୟ କୁନାଲ ଚାନ୍ଦଗୁଡେଙ୍କ ଆତ୍ମହତ୍ୟା ଘଟଣାକୁ ନିଆଯାଇପାରେ। ସାମାନ୍ୟ ଆଇଫୋନ୍ ପାଇଁ କୁନାଲ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଓ ଏଥିପାଇଁ ପୁରା ପରିବାର ଶେଷ ହୋଇଯାଇଥିବା କୁହାଯାଉଛି। ତେବେ ଘଟଣା ପଛର ପ୍ରକୃତ ସତ୍ୟ ଯାହାବି ହେଉ, ଗୋଟିଏ ସତ୍ୟ ହେଲା କୁନାଲର ମନ ମଧ୍ୟରେ ଚାଲୁଥିବା ଯୋଜନାକୁ ଯଦି ତାଙ୍କ ମାତାପିତା ଠଉରାଇପାରି ଆଶ୍ୱସନା ଦେଇପାରିଥାନ୍ତେ କିମ୍ବା ତାଙ୍କୁ ଉଚିତ ମାର୍ଗଦର୍ଶନ ମିଳିପାରିଥାନ୍ତା ହୁଏତ ଏତେବଡ଼ ଅଘଟଣ ଘଟି ନ ଥାନ୍ତା।

ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍ଓର ଏକ ରିପୋର୍ଟ ଅନୁସାରେ ବିଶ୍ୱରେ ବର୍ଷକୁ ୭.୨୭ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୨୦ଜଣଙ୍କ ଆତ୍ମହତ୍ୟା ଉଦ୍ୟମରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରୁ ୫୩% ହେଉଛନ୍ତି ମହିଳା। ତେବେ ବିଶ୍ୱରେ ଭୌଗୋଳିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଅଳ୍ପବର୍ଷିଆଙ୍କ କ୍ଷେତ୍ରରେ ଆତ୍ମହତ୍ୟା ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ଉଭାହୋଇଛି। ୨୦୨୧ରେ ୧୫ରୁ ୨୯ ବର୍ଷୀୟା ଝିଅ ଓ ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ଆତ୍ମହତ୍ୟା ହୋଇଥିବାବେଳେ ସମାନ ବୟସ୍କ ପୁରୁଷଙ୍କ ପାଇଁ ଏହା ତୃତୀୟ ବୃହତ୍ କାରଣ ହୋଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ୨୦୨୪ରୁ ୨୦୨୫ ମଧ୍ୟରେ ଏହି ବୟସ ବର୍ଗର ଲୋକଙ୍କଠାରେ ବିଶ୍ୱବ୍ୟାପୀ ୩୪ ପ୍ରତିଶତ ଆତ୍ମହତ୍ୟା ହାର ହ୍ରାସ ପାଇଥିଲେ ମଧ୍ୟ ଏହାକୁ ରୋକିବା ନେଇ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୨୪ରୁ ୨୦୩୫ ମଧ୍ୟରେ ଆତ୍ମହତ୍ୟା ହାର ଏକତୃତୀୟାଂଶ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନର ଅଗ୍ରଗତିକୁ ଦେଖିଲେ ୨୦୩୫ ବେଳକୁ ଏଥିରେ ମାତ୍ର ୧୭ ପ୍ରତିଶତ ସଫଳତା ମିଳିପାରେ ବୋଲି ଡବ୍ଲ୍ୟୁଏଚ୍ଓ ଉକ୍ତ ରିପୋର୍ଟରେ ଦର୍ଶାଇଛି। 'ୱାର୍ଲ୍ଡ ମେଣ୍ଟାଲ ହେଲଥ ଟୁଡେ' ଅନୁସାରେ, ଲିଙ୍ଗ ଭିତ୍ତିରେ ମାନସିକ ରୋଗରେ ଭିନ୍ନତା ଥାଇପାରେ। କିନ୍ତୁ ମୋଟାମୋଟି ଭାବେ ମହିଳାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଦେଶର ସରକାର ନିଜସ୍ୱ ମାନସିକ ସ୍ୱାସ୍ଥ୍ୟ ନୀତି ଆଣି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରୁଛନ୍ତି। ଏପରି କି ଲୋକଙ୍କୁ ମାନସିକ ରୋଗରୁ ରକ୍ଷା କରିବା ପାଇଁ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରୁଛନ୍ତି। ତଥାପି ମେଣ୍ଟାଲ ହେଲଥ ସର୍ଭିସ୍ ବର୍ତ୍ତମାନ ଏକ ବୃହତ୍ ଆହ୍ୱାନରେ ପରିଣତ ହୋଇଛି ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି। ମାନସିକ ଚାପ କେବଳ ଆତ୍ମହତ୍ୟା କାରଣ ହୋଇ ନ ଥାଏ। କାରଣ ମଣିଷର ମଧ୍ୟ ମସ୍ତିଷ୍କରେ ସେରୋଟନିୟମ ସ୍ରାବ ଦୋଷ ଥାଏ, ଯାହାର ପରିମାଣ କମି ଗଲେ ମଧ୍ୟ ମଣିଷ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଏ। ମାନସିକ ଚାପ ହେଉ ବା ଏହି ସ୍ରାବ ଦୋଷର ପରିମାଣ କମିବା ହେଉ ଉଭୟ ହେଲେ ଏହାର ଲକ୍ଷଣ ଦେଖାଦେବ। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏଭଳି କୌଣସି ଲକ୍ଷଣ ଦେବା ମାତ୍ରେ ତାଙ୍କ ପରିବାର ଲୋକ ହୁଅନ୍ତୁ ବା ଆଖପାଖ ଲୋକ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ କରାଇବା ଆବଶ୍ୟକ। ଯାହାଦ୍ୱାରା ଉପଯୁକ୍ତ କାଉନସିଲିଂ ଉକ୍ତ ବ୍ୟକ୍ତିଙ୍କ ମାନସିକଏହି ଚିନ୍ତାଧାରାକୁ ବଦଳାଇ ପାରିବ। ସେହିପରି ସୋସିଆଲ ମିଡିଆ ଯୋଗୁ ଆତ୍ମହତ୍ୟା ପ୍ରବଣତା ବହୁ ଗୁଣରେ ବଢ଼ିଛି। ପୂର୍ବରୁ ଯେଉଁଠି ଆତ୍ମହତ୍ୟା ହେଉଥିଲା ଜଣାପଡୁ ନ ଥିଲା। କିନ୍ତୁ ଏବେ ସାମାଜିକ ଗଣମାଧ୍ୟମରୁ କିଭଳି ଆତ୍ମହତ୍ୟା , ଆକ୍ରମଣ କରିବ ତାହା ଜାଣି ହେଉଛି। ଆତ୍ମହତ୍ୟା ବଢ଼ିବାର କାରଣ ସାମାଜିକ ଗଣମାଧମ ଓ ସହନଶୀଳତାର ଅଭାବ। ଯେଉଁମାନେ ବିଶାଦଗ୍ରସ୍ତ ଥିବେ ସେମାନେ କାହାକୁ କହି ପାରିବେନି। ମାନସିକ ବିସାଦଗ୍ରସ୍ତଙ୍କ ପାଇଁ କେନ୍ଦ୍ର ସରକାର ଏକ ନମ୍ବର (୧୪୪୧୬) ଜାରି କରିଛନ୍ତି। ଏଥିରେ ଫୋନକଲେ ୨୪ଘଣ୍ଟା ସାଇକୋଲୋଜିଷ୍ଟମାନେ ଉପଦେଶ ଦେଉଛନ୍ତି। ଏହାର ସହାୟତା ନେଲେ ଜଣେ ଆତ୍ମହତ୍ୟା ମାନସିକତାରୁ ଦୂରେଇ ପାରିବ। ଜଣେ ମାନସିକ ବିସାଦଗ୍ରସ୍ତ କି ନୁହେଁ ତାହା ତାଙ୍କ ପାଖଲୋକ ବା ଘରଲୋକ ଲକ୍ଷଣ ଦେଖି ଜାଣିପାରିବେ। ନିଦ ନ ହେବା, ଚିଡ଼ିଚିଡ଼ି ହେବା, ଖିଆପିଆ ଠିକ୍ ଭାବେ ନ କରିବା, ନିଜର ଯତ୍ନ ନ ନେବା, ନକରାତ୍ମକ ଚିନ୍ତା କରିବା, ଆତ୍ମହତ୍ୟା କରିବା ନେଇ ବାରମ୍ବାର କହିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହା ଜାଣି ଯଦି ଘର ଲୋକ ଉକ୍ତ ବ୍ୟକ୍ତିଙ୍କୁ ଯୋଗ, ବ୍ୟାୟାମ କରିବାକୁ ପ୍ରବର୍ତ୍ତାଇବା ସହ ତା'ର ଜୀବନଶୈଳୀକୁ ବଦଳାଇ ପାରନ୍ତେ ତେବେ ଏହାର ସମାଧାନ ହୋଇପାରନ୍ତା।



# ଆଇ ସାଡୋ







ଆଜିକାଲି ମେକଅପ୍ ଦୁନିଆରେ 'ଆଇ ମେକଅପ୍'କୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଉଛି । ଆଖିକୁ ଆକର୍ଷଣୀୟ, ବଡ଼ ଏବଂ ସୁନ୍ଦର ଦେଖାଇବାରେ 'ଆଇସାଡୋ'ର ପ୍ରମୁଖ ଭୂମିକା ରହିଥାଏ । ବଜାରରେ ବିଭିନ୍ନ ରଙ୍ଗ ଓ ଶୈଳୀର ଆଇସାଡୋ ଉପଲବ୍ଧ, ଯାହା ମହିଳାମାନଙ୍କୁ ସେମାନଙ୍କ ପସନ୍ଦ ଏବଂ ଆବଶ୍ୟକତା ଅନୁଯାୟୀ ବାଛିବାରେ ସାହାଯ୍ୟ କରିଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଆଇସାଡୋ ସମ୍ପର୍କରେ ।



## ପାଉଡର୍ ଆଇସାଡୋ

ଏହା ସବୁଠାରୁ ସାଧାରଣ ଏବଂ ଲୋକପ୍ରିୟ ଆଇସାଡୋ । ଏହା ସାଧାରଣତଃ ଛୋଟ ପ୍ୟାଲେଟ୍‌ରେ ଆସିଥାଏ । ଏହାକୁ ବ୍ୟବହାର କରିବା ଏବଂ ବ୍ଲେଣ୍ଡ୍ କରିବା ଅତ୍ୟନ୍ତ ସହଜ ହୋଇଥିବାରୁ ପ୍ରାରମ୍ଭିକ ବ୍ୟବହାରକାରୀଙ୍କ ପାଇଁ ଏହା ଖୁବ ଭଲ ବିକଳ୍ପ ।

## କ୍ରିମ୍ ଆଇସାଡୋ

ଏହି ଆଇସାଡୋ ଅଧିକ ଚମକଦାର ଏବଂ ନରମ ହୋଇଥାଏ । ଶୁଷ୍କ ଚର୍ମ ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅତି ଉପଯୋଗୀ । ଏହା ଆଖି ପତା ଉପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ ଏହାକୁ ଆଙ୍ଗୁଠି ସାହାଯ୍ୟରେ ମଧ୍ୟ ସହଜରେ ଲଗାଯାଇପାରିବ ।

## ଲିକ୍ୱିଡ୍ ଆଇସାଡୋ

ଏହା ତରଳ ରୂପରେ ଆସିଥାଏ ଏବଂ ଏଥିରେ ଆପ୍ଲିକେଟର୍ ବ୍ରଶ୍ ଥାଏ । ଏହା ବହୁତ ଶୀଘ୍ର ଶୁଖିଯାଏ ଏବଂ ଆଖିକୁ ଏକ ଗ୍ଲସି ବା ଗ୍ଲାମ୍ ଲୁକ୍ ପ୍ରଦାନ କରେ । ବିଶେଷ କରି ପାର୍ଟି ବା ପର୍ବପର୍ବାଣି ପାଇଁ ଏହା ଉପଯୁକ୍ତ ।

## ଷ୍ଟିକ୍ ବା ପେନ୍‌ସିଲ୍ ଆଇସାଡୋ

ଏହା ପେନ୍‌ସିଲ୍ କିମ୍ବା କ୍ରେୟନ୍ ରୂପରେ ମିଳିଥାଏ । ଯାତ୍ରା ସମୟରେ କିମ୍ବା କମ୍ ସମୟ ମଧ୍ୟରେ କାଜୁଆଲ୍ ମେକଅପ୍ କରିବା ପାଇଁ ଏହା ସବୁଠାରୁ ସହଜ ବିକଳ୍ପ ।

## ଲୁଜ୍ ପାଉଡର୍


ଏହା ଗୁଣ୍ଡ ଆକାରରେ ଆସିଥାଏ । ଏଥିରେ ଅତ୍ୟନ୍ତ ଗାଢ଼ ରଙ୍ଗ ଥାଏ । ପ୍ରଫେସନାଲ୍ ମେକଅପ୍ ଆର୍ଟିଷ୍ଟମାନେ ବ୍ରାଇଡାଲ୍ ବା ହେଭି ମେକଅପ୍ ପାଇଁ ଏହାକୁ ଅଧିକ ବ୍ୟବହାର କରିଥାନ୍ତି ।

## ଗ୍ଲିଟର୍ ଆଇସାଡୋ


ଏଥିରେ ସୂକ୍ଷ୍ମ ଚମକିଲା କଣିକା ବା ଗ୍ଲିଟର ରହିଥାଏ । ଇଭିନିଂ ପାର୍ଟି, ବିବାହ ଉତ୍ସବ କିମ୍ବା ଗ୍ଲାମରସ୍ ଲୁକ୍ ପାଇଁ ଗ୍ଲିଟର୍ ଆଇସାଡୋ ଆଖିକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ।



ଆଇ ମା କାହଣୀ ପେଡିରୁ ଅନେକ ଶିକ୍ଷା ଆମକୁ ମିଳିଥାଏ । ଯେଉଁ କାହାଣୀ ଗୁଡିକରେ ଜୀବନ ବଞ୍ଚିବାର ଅନେକ ଶିକ୍ଷା ରହିଥାଏ । ଯାହାକୁ ପିଲାମାନେ ଶୁଣିଶୁଣି ଅନେକ କିଛି ଶିଖନ୍ତି ।




# ଆଜି ନୁହେଁ କାଲି




ନଦୀକୂଳିଆ ଏକ ସୁନ୍ଦର ଗାଁରେ ସୁମନ୍ତ ନାମକ ଜଣେ ଅତ୍ୟନ୍ତ ଆଳସ୍ୟ ପରାୟଣ ବାଳକ ରହୁଥିଲା, ଯାହାର ସବୁଠାରୁ ବଡ଼ ଅଭ୍ୟାସ ଥିଲା ଆଜିର କାମକୁ ଆସନ୍ତାକାଲି ଉପରକୁ ଟାଳିଦେବା । ସ୍କୁଲ୍ ପାଠ ହେଉ, ଘରର ଛୋଟମୋଟ କାମ ହେଉ କିମ୍ବା ନିଜର ଆବଶ୍ୟକ ଜିନିଷ ସାଉଁଟିବା ହେଉ, ସେ ସବୁବେଳେ ହସି ହସି ଗୋଟିଏ କଥା କହୁଥିଲା- "ଆଜି ନୁହେଁ, କାଲି କରିବି ।" ଦିନେ ସ୍କୁଲ୍‌ର ପ୍ରଧାନଶିକ୍ଷକ ସମସ୍ତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ଚିତ୍ର ଜମା କରିବାର ଶେଷ ତାରିଖ ଘୋଷଣା କଲେ । ସୁମନ୍ତ ଖୁବ୍ ସୁନ୍ଦର ଛବି ଆଙ୍କିପାରୁଥିଲା, ତେଣୁ ସେ ଭାବିଲା ସେ ନିଶ୍ଚୟ ପ୍ରଥମ ପୁରସ୍କାର ଜିତିବ । ମାତ୍ର ପ୍ରତିଦିନ ସନ୍ଧ୍ୟାରେ ଛବି ଆଙ୍କିବାକୁ ବସିବା ବେଳେ ସେ ନିଜ ସାଙ୍ଗମାନଙ୍କ ସହ ଖେଳିବାକୁ ପଳାଉଥିଲା । ମନକୁ ମନ ବୁଝାଇ ଦେଉଥିଲା ଯେ "ଆଜି ନୁହେଁ କାଲି ଆଙ୍କିବି, କାଲି ତ ପୂରା ଦିନ ପଡ଼ିଛି ।" ଏହିପରି ଭାବେ 'ଆଜି ନୁହେଁ କାଲି' କହୁ କହୁ ପ୍ରତିଯୋଗିତାର ଶେଷ ରାତି ଆସି ପହଞ୍ଚିଗଲା । ସେହି ରାତିରେ ସୁମନ୍ତ ହଡ଼ବଡ଼େଇ ଶୀଘ୍ର ଶୀଘ୍ର ରଙ୍ଗ ଓ ତୁଳୀ ଧରି ବସିଲା ସତ, ମାତ୍ର ଅତି ଅସାବଧାନତା ଓ ତରବରିଆ କାମ ଯୋଗୁଁ ତା'ର ସୁନ୍ଦର ଚିତ୍ରଟି ଉପରେ ରଙ୍ଗ ଢାଳିହୋଇ ଚିତ୍ରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ପରଦିନ ସ୍କୁଲ୍‌ରେ ଯେତେବେଳେ ଅନ୍ୟ ସାଙ୍ଗମାନେ ପୁରସ୍କୃତ ହେଲେ, ସୁମନ୍ତ ଖାଲି ହାତରେ ଛିଡ଼ା ହୋଇ ସବୁ କାମ କାଲି କରିବାର କୁଅଭ୍ୟାସ ପାଇଁ ଅନୁତାପ କଲା । ସେହିଦିନଠାରୁ ସେ ବୁଝିପାରିଲା ଯେ ସମୟ କାହା ପାଇଁ ରହେନାହିଁ ଏବଂ 'ଆଜି ନୁହେଁ କାଲି' କହି କାମ ଟାଳିବା ଦ୍ୱାରା କେବଳ କ୍ଷତି ହିଁ ହୋଇଥାଏ । ତେଣୁ ସେ ନିଜର ଏହି ଅଭ୍ୟାସ ବଦଳାଇ ଆଜିର କାମ ଆଜି ହିଁ ଶେଷ କରିବାକୁ ସଂକଳ୍ପ ନେଲା ।





# ଜନ୍ମଦିନ ପାର୍ଟିରେ ବିବାହ ପ୍ରସ୍ତାବ

ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ଜୀବନରେ ଆସିଛି ଏକ ବିଶେଷ ମୁହୂର୍ତ୍ତ । ନିଜ ୪୦ତମ ଜନ୍ମଦିନ ପାର୍ଟିରେ ସେ ଦୀର୍ଘଦିନର ପ୍ରେମିକା କାସି ବେନେଟ୍‌ଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ସରପ୍ରାଇଜ୍ ପ୍ରପୋଜାଲରେ କାସି ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବୋଲ୍ଟ ଏବଂ କାସି ଦୀର୍ଘ ୧୩ ବର୍ଷ ଧରି ସମ୍ପର୍କରେ ଅଛନ୍ତି । ଦୁହିଁଙ୍କର ତିନୋଟି ସନ୍ତାନ ମଧ୍ୟ ଅଛନ୍ତି । ଏତେ ବର୍ଷର ସମ୍ପର୍କ ପରେ ବୋଲ୍ଟ ଏବେ କାସିଙ୍କୁ ଜୀବନସାଥୀ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଜନ୍ମଦିନ ପାର୍ଟି ଚାଲିଥିବା ବେଳେ ବୋଲ୍ଟ ହଠାତ୍ କାସିଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ବସିଥିଲେ । ଏହାପରେ ସେ କାସିଙ୍କୁ ଏକ ହୀରା ମୁଦି ଦେଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ମୁହୂର୍ତ୍ତ କାସିଙ୍କ ପାଇଁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ପରେ କାସି ଏହି ବିଶେଷ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ। ଫଟୋ ସାମ୍ନାକୁ ଆସିବା ପରେ ବୋଲ୍ଟଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।



## ବେନେଟ୍ କିଏ ?

କାସି ବେନେଟ୍ ଜାମାଇକାର ଜଣେ ମଡେଲ୍ ଓ ବ୍ୟବସାୟୀ । ସେ ମାର୍କେଟିଂ ଏବଂ ବ୍ୟବସାୟ ବିକାଶ କ୍ଷେତ୍ରରେ ମଧ୍ୟ ସକ୍ରିୟ ଅଛନ୍ତି। ସେ ଜାମାଇକାର ଏଲିଭେଟ୍ ମାର୍କେଟିଂ ହାଉସ୍ ସହିତ ଜଡ଼ିତ ଅଛନ୍ତି । କାସି ସାମାଜିକ କାର୍ଯ୍ୟରେ ମଧ୍ୟ ଜଡ଼ିତ । ସେ ପ୍ରୋଜେକ୍ଟ କେସିର ପ୍ରତିଷ୍ଠାତା । ଏହି ସଂଗଠନ ପିଲାମାନେ ଓ ବିଭିନ୍ନ ସମ୍ପ୍ରଦାୟ ସହ କାମ କରେ । କାସି ବ୍ୟବସାୟ ପରିଚାଳନାରେ ମାଷ୍ଟର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି ।

## ବୋଲ୍ଟଙ୍କ ରେକର୍ଡ

ଉସେନ ବୋଲ୍ଟ ଆଥଲେଟିକ୍ସ ଜଗତର ଜଣେ କିମ୍ବଦନ୍ତୀ । ସେ ୮ଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବିଶ୍ୱ ଚାମ୍ପିଅନସପରେ ମଧ୍ୟ ସେ ୧୪ଟି ପଦକ ହାସଲ କରିଛନ୍ତି । ସେ ୧୧ ଥର ବିଶ୍ୱ ଚାମ୍ପିଅନ୍ ହୋଇଛନ୍ତି। ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ବୋଲ୍ଟ ଅନେକ ରେକର୍ଡ କରିଛନ୍ତି । ୪ ଗୁଣା ୧୦୦ ମିଟର ରିଲେରେ ମଧ୍ୟ ତାଙ୍କର ସଫଳତା ରହିଛି । ୨୦୦୯ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ ବୋଲ୍ଟ ୧୦୦ ମିଟର ଦୌଡ଼କୁ ମାତ୍ର ୯.୫୮ ସେକେଣ୍ଡରେ ଶେଷ କରିଥିଲେ। ଏହି ବିଶ୍ୱ ରେକର୍ଡ ଏବେ ମଧ୍ୟ ଅତୁଟ ରହିଛି । ବୋଲ୍ଟଙ୍କ ଜନ୍ମଦିନ ଏଥର କେବଳ ଏକ ପାର୍ଟିରେ ସୀମିତ ରହିନାହିଁ । ଏହି ଦିନଟି ତାଙ୍କ ଜୀବନର ଏକ ସ୍ମରଣୀୟ ଦିନ ପାଲଟିଛି । ଦୀର୍ଘଦିନର ପ୍ରେମିକା କାସିଙ୍କୁ ପ୍ରପୋଜ୍ କରି ବୋଲ୍ଟ ନିଜ ସମ୍ପର୍କକୁ ଏକ ନୂଆ ପରିଚୟ ଦେଇଛନ୍ତି ।

# ବୋଲ୍ଟଙ୍କ ରେକର୍ଡ ଭାଙ୍ଗିଲା ରୋବଟ୍

ଜାମାଇକାର ମହାନ ସ୍ପ୍ରିଣ୍ଟର ଉସେନ ବୋଲ୍ଟଙ୍କ ୧୦୦ ମିଟର ବିଶ୍ୱ ରେକର୍ଡକୁ ଭାଙ୍ଗିଛି ଚୀନର ଟିଆଙ୍ଗୋଙ୍ଗ ଅଲଟ୍ରା ହ୍ୟୁମାନଏଡ୍ ରୋବଟ୍ । ଏଠାରେ ଆୟୋଜିତ ବିଶ୍ୱ ମନୁଷ୍ୟକୃତ ରୋବଟ୍ କ୍ରୀଡ଼ା ୧୦୦ ମିଟର ଦେଡ଼ରେ ଏହି ରୋବଟ୍ ୮.୮୬ସେକେଣ୍ଡରେ ରେସ୍ ଶେଷ କରିଛି । ଉଦଘାଟନୀ ଦିବସରେ ଏହି ରୋବଟ୍ ୯.୩୯ ସେକେଣ୍ଡରେ ଶେଷ କରିଥିଲା । ସେମିଫାଇନାଲରେ ବେଜିଂ ହ୍ୟୁମାନଏଡ୍ ରୋବଟ୍ ଇନୋଭେସନ୍ କେନ୍ଦ୍ର ଦ୍ୱାରା ନିର୍ମିତ ଟିଆଙ୍ଗୋଙ୍ଗ ଅଲଟ୍ରା ଏହାକୁ ପଛରେ ପକାଇ ଦେଇଛି । ଏହି ସମୟ ୨୦୦୯ରେ ବୋଲ୍ଟ (୯.୫୮ ସେକେଣ୍ଡ)ଙ୍କ ପୁରୁଷ ମାନବ ବିଶ୍ୱ ରେକର୍ଡ ସମୟଠୁ ସାତ-ଦଶମାଂଶ ସେକେଣ୍ଡ ଦ୍ରୁତ ଥିଲା । ଗତ ବର୍ଷ ଆୟୋଜିତ ପ୍ରଥମ ସଂସ୍କରଣରେ ଟିଆଙ୍ଗୋଙ୍ଗ ୧୦୦ ମିଟର ରେସକୁ ୨୧.୫୦ ସେକେଣ୍ଡରେ ଶେଷ କରିଥଲା । ଏହାର କିଛ ମାସ ପରେ ବେଜିଂରେ ଆୟୋଜିତ ବିଶ୍ୱ ହ୍ୟୁମାନଏଡ୍ ରୋବଟ୍ ହାଫ୍ ମାରାଥନକୁ ଟିଆଙ୍ଗୋଙ୍ଗ ୨ ଘଣ୍ଟା ୪୦ ମିନଟରେ ଶେଷ କରି ବିଜେତା ହୋଇଥିଲା । ଚଳିତ ବର୍ଷ ବେଜିଂରେ ଆୟୋଜିତ ଏହି ଦ୍ୱିତୀୟ ସଂସ୍କରଣରେ ଫୁଟବଲ୍, ନାଚ ଓ ଶିଳ୍ପ ଉପରେ ୫୧ଟି ଇଭେଣ୍ଟ ହୋଇଥିଲା । ଏଥିରେ ୬୬୬ ଦଳର ପ୍ରାୟ ୨୦୦୦ରୁ ଅଧିକ ରୋବଟ୍ ଯୋଗଦେଇଥିଲେ । ବେଜିଂ ହ୍ୟୁମାନଏଡ୍ ରୋବଟ୍ ଇନୋଭେସନ୍ କେନ୍ଦ୍ର ପକ୍ଷରୁ ଦାବି କରାଯାଇଛି ଯେ ଟିଆଙ୍ଗୋଙ୍ଗ ଅଲଫ୍ରା ଏପର୍ଯ୍ୟନ୍ତ ମାନବ ଦ୍ୱାରା ରଚିତ ଅନେକ ବିଶ୍ୱ ରେକର୍ଡ ଭାଙ୍ଗି ସାରିଛି । ୧୦୦ ମିଟର ସ୍ପ୍ରିଣ୍ଟ ବାଦ୍ ୪୦୦ ମିଟର (୩୮.୧୫ ସେକେଣ୍ଡ), ୧୫୦୦ ମିଟର (୨:୨୧.୬୪ ସେକେଣ୍ଡ) ଓ ହାଇଜମ୍ପ (୨.୮୮ ମିଟର)ରେ ରେକର୍ଡ ଭାଙ୍ଗିଛି ।




# ଇମ୍ରାନଙ୍କ ସମର୍ଥନରେ...

ପାକିସ୍ତାନ କ୍ରିକେଟର ପୂର୍ବତନ ଦିଗ୍‌ଗଜ କ୍ୟାପ୍ଟେନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ପାଖାପାଖି୍ ୩ ବର୍ଷ ହେଲା ଜେଲରେ ବନ୍ଦୀ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି । ନିକଟରେ ପାକିସ୍ତାନ ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ କିଛି ଘଣ୍ଟା ପରେ ତାଙ୍କୁ ପୁଣି ଜେଲକୁ ଫେରାଇ ନିଆଯାଇଛି । ଏହି ଘଟଣା ଇମ୍ରାନଙ୍କ ସମର୍ଥକଙ୍କୁ ଚିନ୍ତାରେ ପକାଇ ଦେଇଛି । ଏବେ ବିଶ୍ୱ କ୍ରିକେଟର ୨୧ ଜଣ ପୂର୍ବତନ ଅଧିନାୟକ ଇମ୍ରାନ ଖାନଙ୍କ ଲାଗି ସ୍ୱର ଉଠାଇଛନ୍ତି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କୁ ପତ୍ର ଲେଖିଛନ୍ତି ।



ଏହା ପୂର୍ବରୁ ପାଖାପାଖି ୬ ମାସ ପୂର୍ବେ ୧୪ ଜଣ ଦିଗ୍‌ଗଜ କ୍ରିକେଟ ଅଧିନାୟକ ପାକିସ୍ତାନ ସରକାରଙ୍କୁ ପତ୍ର ଲେଖିଥିଲେ । ସେଥିରେ ସେମାନେ ଇମ୍ରାନଙ୍କ ଲାଗି ଉଚିତ ଚିକିତ୍ସା ଦାବି କରିଥିଲେ । ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଅଗଷ୍ଟ ୨୩ରେ ଲେଖାଯାଇଥିବା ପତ୍ରରେ ଇମ୍ରାନଙ୍କ ପ୍ରତି ମାନବୀୟ ବ୍ୟବହାର ପାଇଁ ନିବେଦନ କରିଛନ୍ତି । ପତ୍ରରେ ଲେଖାଯାଇଛି ପ୍ରିୟ ପ୍ରଧାନମନ୍ତ୍ରୀ ୬ ମାସ ପୂର୍ବେ ବିଶ୍ୱର ୧୪ ଜଣ ପୂର୍ବତନ କ୍ରିକେଟ ଅଧିନାୟକ ଆପଣଙ୍କୁ ଓ ପାକିସ୍ତାନ ସରକାରଙ୍କୁ ପତ୍ର ଲେଖିଥିଲେ । ଇମ୍ରାନ ଖାନଙ୍କ ସହିତ ଆମର ଅତୁଟ ବନ୍ଧନ ରହିଛି । ଯାହା ସୀମା ଓ ବିବାଦକୁ ପଛରେ ପକାଉଛି । ଏବେ ଆମେ ଆଉ ୭ ପୂର୍ବତନ ଅଧିନାୟକ ପୁଣିଥିରେ ଆପଣଙ୍କୁ ପତ୍ର ଲେଖୁଛୁ ।

ଏହି ୨୧ ଜଣ ଅଧିନାୟକଙ୍କ ମଧ୍ୟରେ ଭାରତର ପୂର୍ବତନ କ୍ରିକେଟ ଅଧିନାୟକ କପିଲ ଦେବ, ମହାନ କ୍ରିକେଟର ସୁନିଲ ଗାଭାସ୍କର, ମାଇକେଲ ଅଥର୍ଟନ, ଏଲେକ୍ସ ବ୍ଲାକେଓ୍ୱେଲ, ଆଲାନ ବର୍ଡର, ମାଇକେଲ ବ୍ରେୟର୍ଲି, ଗ୍ରେଗ୍ ଚ୍ୟାପେଲ, ବେଲିଣ୍ଡା କ୍ଲାର୍କ, ନିକଞ୍ଜ ଦେଶମାନ୍ୟ, ଅର୍ଜୁନ ରଣାତୁଙ୍ଗା, ସାର ଏଣ୍ଡ୍ରୁ ଷ୍ଟ୍ରସ୍, ସାର ଏଲିଷ୍ଟେୟର କୁକ୍ , ଲି ଜର୍ମାନ, ଏଡମ ଗିଲକ୍ରିଷ୍ଟ, ଡେଭିଡ ଗୋଭର, କିମ୍ ହ୍ୟୁଜେସ୍, ନାସିର ହୁସେନ, ସାର କ୍ଲାଇଭ ଲୟଡ, ଦିଲୀପ ଭେଙ୍ଗସରକାର, ଷ୍ଟିଫେନ ୱ ଏବଂ ଜନ ରାଇଟ୍ ପ୍ରମୁଖ ଅଛନ୍ତି ।

ପାକିସ୍ତାନ ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ଆଦେଶ ଗୃହୀତ କରିଥିଲେ । ଏହି ଆଦେଶରେ ଏକ ଚିକିତ୍ସକୀୟ କମିଟି ତାଙ୍କ ସ୍ୱାସ୍ଥ୍ୟର ଯାଞ୍ଚ କରିବେ । ଏଥିରେ ତାଙ୍କ ବ୍ୟକ୍ତିଗତ ଡାକ୍ତର ଓ ଭଉଣୀ ଡା.ଉଜମା ଖାନଙ୍କୁ ସାମିଲ କରିବାକୁ କୁହାଯାଇଥିଲା । କୋର୍ଟ ଇମ୍ରାନ ଖାନଙ୍କ ପରିବାର ସଦସ୍ୟଙ୍କୁ ସାପ୍ତାହିକ୍ ଭେଟ କରିବାକୁ ମଧ୍ୟ ଅନୁମତି ଦେଇଥିଲେ । ତେବେ ତାଙ୍କୁ ମାତ୍ର କିଛି ସମୟ ହସ୍ପିଟାଲରେ ରଖା ଯାଇଥିଲା ପରେ ଇମ୍ରାନଙ୍କୁ ପୁଣି ଜେଲକୁ ଫେରାଇ ନିଆଯାଇଥିଲା । ଇମ୍ରାନଙ୍କ ପରିବାର ଓ ତାଙ୍କ ଲିଗାଲ ଟିମ୍ ଏହାକୁ କୋର୍ଟଙ୍କ ଅବମାନନା ବୋଲି କହିଛନ୍ତି ।

# ଜୁନିୟର ଯୁଗର ଅୟମାରମ୍ଭ

ଭାରତ ଗସ୍ତ କରିବ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ । ଏହାପୂର୍ବରୁ ବିସିସିଆଇ ଭାରତୀୟ ଟିମ୍ ଘୋଷଣା କରିଥିଲା । ତିନୋଟି ଦିନିକିଆ ମୁକାବିଲା ଏବଂ ଦୁଇଟି ମଲଟି ଡେ ଫିକ୍ସର ପାଇଁ ଭିନ୍ନ ଭିନ୍ନ ଟିମ୍ ଘୋଷଣା ହୋଇଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭାରତୀୟ ଦଳର ପୂର୍ବତନ ମହାନ ଖେଳାଳି ବିରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଏବଂ ରାହୁଲ ଦ୍ରାବିଡଙ୍କ ପୁଅ ଅନଭୟଙ୍କୁ ଦିନିକିଆ ଟିମରେ ସ୍ଥାନ ମିଳିଛି । ବିସିସିଆଇ ସମ୍ପାଦକ ଦେବଜିତ ସାଇକିୟା ଏହି ଘୋଷଣା କରିଥିଲେ । ସେ କହିଥିଲେ ଯେ, ସେହ୍ୱାଗ ଏବଂ ଦ୍ରାବିଡଙ୍କ ପୁଅଙ୍କୁ



ଦଳରେ ସ୍ଥାନ ମିଳିଛି । ଖୁବଶୀଘ୍ର ଜୁନିୟର ଯୁଗର ଅୟମାରମ୍ଭ ହେବାକୁ ଯାଉଛି । ଏହା ଯୁବ ଖେଳାଳିଙ୍କ ପାଇଁ ଉତ୍ସାହର ବିଷୟ । ଦଳ ଏବେ ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳ ବିପକ୍ଷରେ ଦମଦାର ପ୍ରଦର୍ଶନ କରିବ ।

ଦିନିକିଆ ମ୍ୟାଚ୍ ପାଇଁ ଲକ୍ଷ୍ୟ ରାୟଚନ୍ଦାନୀ ଅଧିନାୟକ ତଥାୟଶବର୍ଦ୍ଧନ ଚୌହାନଙ୍କୁ ଉପଅଧିନାୟକ ରହିବେ। ସେହ୍ୱାଗଙ୍କ ପୁତ୍ର ଆର୍ଯ୍ୟବୀର ଦିଲ୍ଲୀ ପ୍ରିମିୟର ଲିଗରେ ଦମଦାର ପ୍ରଦର୍ଶନ କରିଥିଲେ । ସେ ଦିଲ୍ଲୀ ଲାୟନ୍ସ ପକ୍ଷରୁ ଖେଳି ବାପାଙ୍କ ଭଳି ସଟ୍ ଖେଳିଥିଲେ । ସେପଟେ ଦ୍ରାବିଡଙ୍କ ପୁଅ ମଧ୍ୟ ଘରୋଇ ମୁକାବିଲାରେ ଦମଦାର ପ୍ରଦର୍ଶନ କରୁଛନ୍ତି ।



# ଟ୍ରେଣ୍ଡରେ କାଜିଆ




କେବଳ ୧୯ ବର୍ଷ ବୟସରେ ନିଜ ଆତ୍ମବିଶ୍ୱାସ, ମେଧା ଓ ସାଧନା ବଳରେ ସମଗ୍ର ଦେଶରେ ଗୌରବ ଆଣିଦେଇଛନ୍ତି କେରଳର କାଜିଆ ଲିଜ୍ ମେଜୋ। ସମ୍ପ୍ରତି ଜୟପୁରରେ ଅନୁଷ୍ଠିତ ହୋଇଥିବା ଭବ୍ୟ ଆୟୋଜନରେ ୫୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ ନିଜ ନାମରେ କରିଛନ୍ତି ।

କେରଳର ଆଲାପୁଜା ଜିଲ୍ଲା ଅନ୍ତର୍ଗତ ମାବେଲିକ୍କାରାରେ ଜନ୍ମଗ୍ରହଣ କରିଥିବା କାଜିଆଙ୍କ ପିଲାଦିନ ପ୍ରାୟତଃ ୟୁଏଇ (ଆବୁଧାବି)ରେ ବିତିଥିଲା । ଯେଉଁଠାରେ ସେ ବିଭିନ୍ନ ବହୁସାଂସ୍କୃତିକ ପରିବେଶରେ ବଢ଼ିବା ସହ ନିଜ ଆତ୍ମବିଶ୍ୱାସ ଓ କଥାବାର୍ତ୍ତାର ଶୈଳୀକୁ ଦୃଢ଼ କରିପାରିଥିଲେ। ଜଣେ ଆଇନ୍‌ର ଛାତ୍ରୀ ହେବା ସହିତ ସେ ୧୨ ବର୍ଷ ଧରି ଶାସ୍ତ୍ରୀୟ ନୃତ୍ୟର ତାଲିମ୍ ନେଇଛନ୍ତି । ଏହାସହ ସଙ୍ଗୀତ ଗାୟିକା, ଡ୍ରମ୍ସ ଓ ଭାୟୋଲିନ୍ ବଜାଇବାରେ ମଧ୍ୟ ନିପୁଣା ଅଟନ୍ତି । ସେ ମାଲାୟାଲମ୍ ଚଳଚ୍ଚିତ୍ର 'ସାଇଲକ୍' ମାଧ୍ୟମରେ ଅଭିନୟ ଜଗତରେ ମଧ୍ୟ ପାଦ ଥାପିସାରିଛନ୍ତି । ତେବେ ଏହି ସଫଳତା ପଛରେ ରହିଛି ତାଙ୍କର ଦୀର୍ଘ ଦିନର କଠିନ ସଂଘର୍ଷ । ନିଜ ଚେହେରା, ଶାରୀରିକ ସୌନ୍ଦର୍ଯ୍ୟ ଓ ଆତ୍ମବିଶ୍ୱାସକୁ ନେଇ ପ୍ରାରମ୍ଭିକ ଦିନରେ ଅନେକ ଦ୍ୱନ୍ଦ୍ୱ ଓ ଆଶଙ୍କାର ସାମ୍ନା କରିଥିବା କାଜିଆ, ସମସ୍ତ ପ୍ରତିବନ୍ଧକକୁ ନିଜର ଶକ୍ତିରେ ପରିଣତ କରିଥିଲେ । ସେ ବିଶ୍ୱାସ କରନ୍ତି ଯେ ପ୍ରକୃତ ସୌନ୍ଦର୍ଯ୍ୟ କେବଳ ବାହ୍ୟ ରୂପରେ ନୁହେଁ, ବରଂ ନିଜର ଦୃଢ଼ ଇଚ୍ଛାଶକ୍ତି, ସାହସ ଏବଂ ବାରମ୍ବାର ବିଫଳତା ପରେ ମଧ୍ୟ ପୁନର୍ବାର ସଫଳତା ପାଇଁ କାର୍ଯ୍ୟ କରିବାର ମାନସିକତାରେ ରହିଛି। ତାଙ୍କର ଏହି ନିରବଚ୍ଛିନ୍ନ ନିଷ୍ଠା ଓ ବ୍ୟକ୍ତିତ୍ୱ ହିଁ ତାଙ୍କୁ ଜାତୀୟ ମଞ୍ଚରେ ଶ୍ରେଷ୍ଠତା ପ୍ରଦାନ କରିଛି । ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ଜିତିବା ପରେ ଏବେ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ୭୫ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା । ଶିକ୍ଷା, କଳା ଏବଂ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କାଜିଆ ଲିଜ୍ ମେଜୋଙ୍କ ଏହି ଅଭୂତପୂର୍ବ ଯାତ୍ରା ସମଗ୍ର ଯୁବପିଢ଼ି ପାଇଁ ଏକ ଅପୂର୍ବ ପ୍ରେରଣାର ଉତ୍ସ ପାଲଟିଛି ।